୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.46 Bhubaneswar Thursday March 27 2025 | ୨୭ତମ ବର୍ଷ ସଂଖ୍ୟା-୪୬ ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୭, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS


# ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ : ୧୬.୦୭.୧୯୪୧ ତିରୋଧାନ : ୧୭.୦୩.୨୦୨୫

## ୰ ଡା. ଦେବେନ୍ଦ୍ର ପ୍ରଧାନ

### ପୂର୍ବତନ କେନ୍ଦ୍ରମନ୍ତ୍ରୀ

ଆଜି ଏକାଦଶାହରେ ଆମେ ସମସ୍ତେ ଆପଣଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

ଈଶ୍ୱରଙ୍କୁ ଆନ୍ତରିକ ପ୍ରାର୍ଥନା କରୁଛୁ ଆପଣଙ୍କ ଆତ୍ମା ପରମ ଶାନ୍ତି ଓ ସଦ୍‌ଗତି ଲାଭକରୁ।

ଶ୍ରୀମତୀ ବସନ୍ତ ମଞ୍ଜରୀ ପ୍ରଧାନ(ସହଧର୍ମିଣୀ), ପୁତ୍ର - ସୌମେନ୍ଦ୍ର କୁମାର ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନ,

ପୁତ୍ରବଧୂ - ସରଳା ପ୍ରଧାନ, ମୃଦୁଳା ପ୍ରଧାନ, ନାତି- ନିଶାନ୍ତ, ନାତୁଣୀ- ନମିଶା

ଶୋକସନ୍ତପ୍ତ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

ନଳମ, କଣିହାଁ, ତାଳଚେର, ଅନୁଗୋଳ


## ଏସଏଚ୍‌ଜିଙ୍କୁ ସୁରକ୍ଷା ଦେଇ ଅଡୁଆରେ ୨୪ ସିଡିପିଓ: ସପ୍ତାହସୁଦ୍ଧା ସ୍ପଷ୍ଟୀକରଣ ଦିଅ,ନଚେତ୍ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୬।୩(ପି.ଏନ): ବିଜେଡି ସରକାର ସମୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚ୍‌ଜି) ଗୁଡିକୁ ସୁରକ୍ଷା ଦେବା ଏବେ ୨୪ଜଣ ସିଡିପିଓ (ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ)ଙ୍କୁ ମହଙ୍ଗା ପଡିଛି । ନିମ୍ନମାନର ଓ ଖରାପ ଛତୁଆ ଯୋଗାଉଥିବା ଏସଏଚ୍‌ଜିଗୁଡିକ ବିରୁଦ୍ଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନେଇନଥିଲେ, ସେଥିପାଇଁ ବିଜେପି ସରକାରଙ୍କ କାରଣ ଦର୍ଶାଅ ନୋଟିସର ଜବାବ ଦେଇନଥିବାରୁ ଏହି ଅଧିକାରୀମାନଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର ଚେତାବନୀ ଦେଇଛନ୍ତି ।ସୂଚନା ଅନୁସାରେ, ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟରତ ୨୪ଜଣ ସିଡିପିଓଙ୍କୁ ଗତ ଦୁଇ ଦିନ ତଳେ କାରଣ ଦର୍ଶାଅ ନୋଟିସ୍ ଜାରି କରି



କାହିଁକି ସ୍ପଷ୍ଟୀକରଣ ରଖିନାହିଁ ବୋଲି ପ୍ରଶ୍ନ କରିଛି । ପୂର୍ବରୁ ୨୦୨୪ ଡିସେମ୍ବର ୨୬ତାରିଖରେ ଏହି ସିଡିପିଓମାନଙ୍କୁ ବିଭାଗ ଦ୍ୱାରା କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇ ଯେଉଁ ଏସଏଚ୍‌ଜିଗୁଡିକ ନିମ୍ନମାନର ଓ ଖରାପ ଛତୁଆ ଅଙ୍ଗନବାଡି ମାଧ୍ୟମରେ ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ପ୍ରଦାନ କରୁଥିଲେ ସେମାନଙ୍କ ବିରୁଦ୍ଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନେଇନାହିଁ ବୋଲି ପ୍ରଶ୍ନ କରାଯାଇଥିଲା । ମାତ୍ର ଏହି କାରଣ ଦର୍ଶାଅ ନୋଟିସ୍ ଉପରେ ସମ୍ପୃକ୍ତ ସିଡିପିଓମାନେ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟୀକରଣ ରଖିନଥିବାରୁ ବିଭାଗ ପୁଣିଥରେ ମାର୍ଚ୍ଚ ୨୨ତାରିଖରେ ନୋଟିସ୍ ଜାରି କରି ସେମାନଙ୍କୁ ୭ଦିନର ସମୟ ଦେଇଛନ୍ତି । ଉକ୍ତ ଅବଧି ମଧ୍ୟରେ ସ୍ପଷ୍ଟୀକରଣ ନରଖିଲେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ସ୍ପଷ୍ଟ କରିଦେଇଛନ୍ତି ।ଉଲ୍ଲେଖଯୋଗ୍ୟ, ୨୦୨୩ ଏପ୍ରିଲରୁ ୨୦୨୪ ଜୁନ୍ ମାସ ମଧ୍ୟରେ ରାଜ୍ୟ ଖାଦ୍ୟ ପରୀକ୍ଷାଗାରର ରିପୋର୍ଟ ଆଧାରରେ ସମସ୍ତ ଜିଲ୍ଲାପାଳମାନଙ୍କୁ ନିମ୍ନମାନର ଛତୁଆ(ଅତିରିକ୍ତ ପୁଷ୍ଟିକରଣ କାର୍ଯ୍ୟକ୍ରମରେ ଘରକୁ ରାସନ୍ ପଠାଯିବା) ଯୋଗାଇଥିବା ଏସଏଚ୍‌ଜିଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ନିମ୍ନମାନର ଖରାପ ଛତୁଆ ପ୍ରଦାନ କରୁଥିବା ନେଇ ବାରମ୍ବାର ପ୍ରତିକୂଳ ରିପୋର୍ଟ ସତ୍ତ୍ୱେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ୪୨ଜଣ ସିଡିପିଓ ଓ ୧୫ଜଣ ମହିଳା ସୁପରଭାଇଜରମାନଙ୍କ ବିରୁଦ୍ଧରେ ବିଜେପି ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।

## ସ୍କୁଲ ପିଲାଙ୍କୁ ମିଳିବ ପୋଷଣ ଯୁକ୍ତ ଲଡୁ, ସପ୍ତାହରେ ୩ଟି

ଭୁବନେଶ୍ୱର,୨୬।୩(ପି.ଏନ): ଏଣିକି ମଧ୍ୟାହ୍ନ ଭୋଜନ ସହ ସ୍କୁଲ ପିଲାଙ୍କୁ ମିଳିବ ପୋଷଣ ଯୁକ୍ତ ଲଡୁ। ସ୍କୁଲର ସମସ୍ତ ପିଲାଙ୍କୁ ପୋଷଣ ଯୁକ୍ତ ଲଡୁ ଦେବା ପାଇଁ ସରକାରଙ୍କ ନିଷ୍ପତ୍ତି। ଗୋଟିଏ ସପ୍ତାହରେ ପିଲାଙ୍କୁ ୩ଟି ଲଡୁ ଦିଆଯିବ। ପ୍ରଥମରୁ ଦଶମ ଶ୍ରେଣୀ ପିଲାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଲଡୁ ମିଳିବ।ସମସ୍ତ ଜିଲ୍ଲାପାଳଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି ପଠାସରିଛି। ମାଣ୍ଡିଆ, ଗୁଡ଼, ବାଦାମ ଓ ଘିଅଯୁକ୍ତ ଲଡୁ ସ୍କୁଲ ପିଲାଙ୍କୁ ଦିଆଯିବ। ପିଏମ ପୋଷଣ ଯୋଜନା ଅଧୀନରେ ଏହି ଲଡୁ ମିଳିବ।ଯଦି ଦେଖିବା ପୂର୍ବରୁ ସ୍କୁଲ ପିଲାଙ୍କୁ କେବଳ ମଧ୍ୟାହ୍ନ ଭୋଜନରେ ଭାତ,ଡ଼ାଲି, ସୋୟାବଡ଼ି ତରକାରୀ, ଏବଂ ଅଣ୍ଡା ତରକାରୀ ଦିଆଯାଉଥିଲା। ହେଲେ ଏବେ ସପ୍ତାହରେ ଛାତ୍ରଛାତ୍ରୀଙ୍କୁ ୩ଟି ଲେଖାଏଁ ଲଡୁ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ।ସମସ୍ତ ଜିଲ୍ଲାପାଳଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି ପଠାସରିଛି। ମାଣ୍ଡିଆ, ଗୁଡ଼, ବାଦାମ ଓ ଘିଅଯୁକ୍ତ ଲଡୁ ଦିଆଯିବ। ପିଏମ ପୋଷଣ ଯୋଜନା ଅଧୀନରେ ମିଳିବ ଏହି ଲଡୁ।



## ଅଳିଆ ଗଦାରେ ନବଜାତକ ଶିଶୁର ମୃତଦେହ, ଝୁଣି ଖାଉଛନ୍ତି ବୁଲା କୁକୁର !

ସୁନ୍ଦରଗଡ,୨୬।୩(ପି.ଏନ): ଚର୍ଚ୍ଚାରେ ସୁନ୍ଦରଗଡ଼। ସାମ୍ନାକୁ ଆସିଛି ଏକ ଏମାନବୀୟ ଘଟଣା। ଯାହାକୁ ଶୁଣିଲେ ଆପଣଙ୍କ ଦେହବି ଶିତେଇ ଉଠିବ। କାରଣ ଘଟଣାଟି ହିଁ ସେମିତ। ରାସ୍ତା କଡ଼ରେ ଜରି ଭିତରେ ଗୁଡେଇ ହୋଇ ଅଳିଆ ଗଦାରେ ପଡିଛି ନବଜାତକ ଶିଶୁକନ୍ୟାର ମୃତଦେହ। ଆଉ ସେହି ମୃତଦେହକୁ ଝୁଣିଝୁଣି ଖାଉଛି ବୁଲା କୁକୁର। ତେବେ ଏପରି ଏକ ଅଭାବନୀୟ ଦୃଶ୍ୟ ଦେଖିଲେ ଆପଣଙ୍କ ଛାତି କ'ଣ ଫାଟି ପଡିବନି। ଆପଣଙ୍କ ପାଟିରୁ ଆହା ପଦେ ବାହାରିବନି। କ'ଣ ସେହି ପିଶାଚିନୀ ନୃଶଂସ ମାଆକୁ ଗାଳି ଦେବାକୁ ଇଚ୍ଛା ହେବନି। ହଁ ଏହି ଦୃଶ୍ୟ ଯିଏ ଦେଖୁଥିଲା ସିଏବି ଠିକ୍ ଏମିତି କରୁଥିଲା। ଯଦି ପିଲା ଜନ୍ମ କରି ପୋଷିବାର କ୍ଷମତା ନାହିଁ ତାହାଲେ କୌଣସି ଅନାଥାଶ୍ରମରେ ଦେଇପାରିଥାନ୍ତା। ଏମିତିକି ଅନେକ ସରକାରୀ ସଂସ୍ଥା ଅଛନ୍ତି ଯେଉଁଠାରେ ପିଲାର ଲାଳନ ପାଳନ ଭଲରେ ହୋଇପାରିଥାନ୍ତା। ହେଲେ ଏମିତି ସେ ମାଆ ଯେ, ତା ମନରେ ଟିକେ ଦୟାମାୟା ଆସିଲାନି।ନିଷ୍ପାପ କଅଁଳ ଶିଶୁଟିର ମୃତଦେହକୁ ଜରିରେ ଗୁଡେଇ ଅଳିଆ ଗଦାରେ ଫୋପାଡି ଦେଇ ଚାଲିଗଲା। ହଁ ଏପରି ଏକ ଲୋମଟାଙ୍କୁରା ଦୃଶ୍ୟ ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଟାଉନ ଥାନା ମହେଶଡିହି ଥିମ ପାର୍କ ନିକଟ ରାସ୍ତାରେ। ଏକ ନବଜାକତ ଶିଶୁକନ୍ୟାର ମୃତଦେହକୁ ବୁଲା କୁକୁର ଝୁଣି ଖାଉଥିବାର ଦୃଶ୍ୟ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି।ହେଲେ କିଏ ଓ କାହିଁକି ଫୋପଡ଼ିଲା ନବଜାତକ ଶିଶୁ କନ୍ୟାକୁ ତାହାର ତଦନ୍ତ କରୁଛି ସୁନ୍ଦରଗଡ଼ ଟାଉନ ଥାନା ପୋଲିସ। ତେବେ ସୁନ୍ଦରଗଡ ସହର ସାରା ଚର୍ଚ୍ଚା କୌଣସି କୁମାରୀ ମାଆ ବେଆଇନ ଗର୍ଭପାତ କରାଇ ମୃତଦେହକୁ ଫୋପାଡି ଚାଲିଯାଇଛି। ପାପ ଅର୍ଜିତ ସନ୍ତାନକୁ ଶେଷ ସଂସ୍କାର କରିବାକୁ ସାହାସ କରିପାରି ନାହିଁ।କିଏ ଓ କାହିଁକି ଅଳିଆ ଗଦାରେ ଫୋପଡ଼ିଲା ନବଜାତକ ଶିଶୁ କନ୍ୟାର ମୃତଦେହ ? ପୋଲିସ ତାହାର ଖୋଳତାଡ ଆରମ୍ଭ କରିଛି।

## ରାଗିଗଲେ ମୁଖ୍ୟମନ୍ତ୍ରୀ: କହିଲେ ଗୃହକୁ ଏତେ ସମୟ ବନ୍ଦ କରିବାର ଅଧିକାର କିଏ ଦେଲା

ଭୁବନେଶ୍ୱର,୨୬।୩(ପି.ଏନ): ଏମିତି କ'ଣ ଘଟିଛି ଯେ ଗୃହ କମିଟି ହେବ । ସର୍ବଦଳିୟ ବୈଠକରେ ବିଜେଡି ମଧ୍ୟ ପ୍ରଶ୍ନ କରିଛି ।କମିଟିର ଆବଶ୍ୟକତା ନାହିଁ ବୋଲି ବିଜେଡି କହିଛି । ତାହା ହେଲେ କାହିଁକି ଆଲୋଚନାକୁ ଆସିବାନି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି ।ଆଲୋଚନା କରି ସମାଧାନ ବାହାର କରିବା କଥା । ମାତ୍ର ବାହାନା କରୁଛନ୍ତି ସୁରକ୍ଷାକର୍ମୀ ବାଡ ?ଇଲେ ।ସେମାନେ କେଉଁ ସ୍ତରର କର୍ମଚାରୀ ବିଧାୟକଙ୍କୁ ବାଡେଇବେ । ମିଛ କହିବାର ଗୋଟିଏ ସୀମା ଅଛି । ତାଙ୍କ ଦଳ ସଭାପତି ଓ ପୂର୍ବ ସଦସ୍ୟ ଧମକାଇଲେ । ବିଧାନସଭା ଗେଟ ବାହାରେ ଧମକାଇବା କି ପ୍ରକାର ରାଜନୀତି । ଗୃହକୁ ଏତେ ସମୟ ଅଚଳ କରିବାର ଅଧିକାର କିଏ ଦେଲା ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି ।








# ଜୁରାସିକ୍ ୱାର୍ଲ୍ଡ-୪ରେ ସ୍କାରଲେଟ ଜୋହାନସନ

ସ୍କାରଲେଟ ଜୋହାନସନ ଜୁରାସିକ ବ୍ରହ୍ମାଣ୍ଡରେ ନିଜର ପରିଚୟ କରିବା ପାଇଁ ପ୍ରସ୍ତୁତ ହୋଇ ସାରିଛନ୍ତି। ଏହି ବ୍ଲକବଷ୍ଟର ଫ୍ରାଂଚାଇଜରେ ମୁଖ୍ୟ ଭୂମିକାରେ ସେ ନଜର ଆସିବାକୁ ଯାଉଛନ୍ତି। ଗେରେଥ ଏଡବର୍ଥଙ୍କ ଦ୍ୱାରା ନିର୍ଦ୍ଦେଶିତ ଜୁରାସିକ ୱାଲର୍ଡ ୪' ରେ ସେ ନଜର ଆସିବାକୁ ଯାଉଥିବାର ସୂଚନା ମିଳିଛି। 'ଗାଁଡଜିଲା' ତଥା 'ରାଓ୍ୱନ' ଭଳି ଅନେକ ସିନେମାର କାମ ପାଇଁ ଜଣାଯାଉଥିବା ଗେରେଥଙ୍କ ସିନେମାରେ ଏହି ହଲିଉଡ ସୁନ୍ଦରୀ କାମ କରିବେ। 'ଜୁରାସିକ ୱାଲର୍ଡ ୪' କୁ ଡେବିଡ କୋଏଫ ଲେଖିଥିବାବେଳେ ଏଥିରେ ନୂଆ ଜୁରାସିକ ବ୍ରହ୍ମାଣ୍ଡ ବିଷୟରେ ଦର୍ଶକ ମନୋରଞ୍ଜନର ଅନ୍ୟ ଖୋରାକ ପାଇବେ। ରିପୋର୍ଟ ଅନୁସାରେ, ନିଜର ଉତେଜନା ବ୍ୟକ୍ତ କରି ସ୍କାରଲେଟ କହିଛନ୍ତି ଯେ, ଜୁରାସିକରେ ଅଭିନୟ କରିବା ପାଇଁ ସେ ବେଶ୍ ଉତ୍ସୁକ ଅଛନ୍ତି ଓ ସେ ମୂଳ ଜୁରାସିକ ଶୃଙ୍ଖଳ ସହ ଏହାକୁ ତୁଳନା କରି ପୂର୍ଣ୍ଣ ଚକ୍ରକ୍ଷଣ ବୋଲି କହିଛନ୍ତି। ଥିଏଟରରେ ସେ ଦେଖିଥିବା ସିନେମାର ଆଗାମୀ ଶୃଙ୍ଖଳରେ କାମ କରିବା ନିଶ୍ଚିତ ଭାବରେ ଏକ ସମ୍ମାନର ବିଷୟ ବୋଲି ଏହି ହଲିଉଡ ସୁନ୍ଦରୀ ପ୍ରକାଶ କରିଛନ୍ତି। ଏହି ଫ୍ରାଞ୍ଚାଇଜରେ କାମ କରିବା ପାଇଁ ସେ ବହୁ ଦିନରୁ ଅପେକ୍ଷା କରିଥିଲେ ବୋଲି ମଧ୍ୟ କହିଛନ୍ତି। 'ଜୁରାସିକ ୱାଲର୍ଡ ୪' ଦର୍ଶକଙ୍କୁ ଡାଇନୋସର ଓ ନୂଆ ନୂଆ ପାତ୍ରଙ୍କ ସହ ପରିଚିତ କରାଇ ଏକ ରୋମାଂଚକର କାହାଣୀ ଭେଟି ଦେବ। ଏହି ସିନେମାରେ ସ୍କାରଲେଟ ଜୋହାନସନ ସମେତ ଡେବିଡ ଇକୋନୀ, ମହେରଶାଳା ଅଲି, ରୁଫର୍ଟ ଫ୍ରେଡ, ଲୁନା ବ୍ଲେଜ ତଥା ମୈନୁଆଲ ଗାର୍ସିଆ ରୁଲ୍ଫିଙ୍କ ଦମଦାର ଅଭିନୟ ଦେଖିବେ ଦର୍ଶକ।

# ୫୫୦ ଜଣ ସନ୍ତାନଙ୍କ ଜନକ ଜୋନାଥନ୍

ଯଦି ଜଣକର ୧୦ ଜଣ ସନ୍ତାନ ଥିଲେ ବି ଆମେ ଶୁଣି ଆଶ୍ଚର୍ଯ୍ୟ ହୋଇଥାଉ। ମାତ୍ର ଯଦି ଜଣେ ପିତା ପ୍ରାୟ ୫୫୦ ଜଣ ସନ୍ତାନର ଅଧିକାରୀ ହୋଇଥିବ ତ ଏହା କେବଳ ଆଶ୍ଚର୍ଯ୍ୟ ନୁହେଁ, ଜଣକୁ ସ୍ତବ୍ଧ ମଧ୍ୟ କରିଦେବ। ଏହିକ୍ରମରେ ବାସ୍ତବରେ ଜଣେ ୪୨ ବର୍ଷୀୟ ବ୍ୟକ୍ତିଙ୍କ ୫୫୭ ଜଣ ପିଲା ଅଛନ୍ତି। ତାଙ୍କର ଏହିସବୁ ସନ୍ତାନ ବିଶ୍ୱର ଭିନ୍ନ ଭିନ୍ନ ଦେଶରେ ବିଛୁରିତ ହୋଇ ରହିଛନ୍ତି। କେତେକ ଦେଶରେ ଜନସଂଖ୍ୟା ବୃଦ୍ଧି ମୁଣ୍ଡବିନ୍ଧାର କାରଣ ହୋଇଥିବାବେଳେ ଆଉ କେତେକ ଦେଶରେ ଇନଫର୍ଟିଲିଟି ଏକ ବଡ



ସମସ୍ୟା ଅଟେ। ସେଥିପାଇଁ ଚିକିତ୍ସାର ଅନେକ ସୁବିଧା ମଧ୍ୟ ରହିଛି ବିଶ୍ୱରେ। ଯେଉଁଥିରେ ସ୍ପର୍ମ ଡୋନେଶନ ଏକ ଭଲ ବିକଳ୍ପ ଅଟେ। ବହୁତ ଜଣ ପୁରୁଷ ଏହାକୁ ମାଧ୍ୟମ କରି ପଇସା କମାନ୍ତି। ଏମିତି ଜଣେ ପୁରୁଷ ଅଟନ୍ତି ଜୋନାଥନ ଜେକବ ମିଜରେ। ଜୋନାଥନଙ୍କୁ ବିଶ୍ୱର ସବୁଠୁ ଅଧିକ ସନ୍ତାନର ଜନକ କୁହାଯାଏ। ଏହି ନେଦରଲ୍ୟାଣ୍ଡର ଯୁବକ୨୫ ବର୍ଷ ବୟସରେ ୨୦୦୭ ମସିହାରେ ପ୍ରଥମଥର ପାଇଁ ସ୍ପର୍ମ ଡୋନେଟ କରିଥିଲେ। ଏହାପରେ ସେ ୧୧ ଭିନ୍ନ ଭିନ୍ନ କ୍ଲିନିକରେ ସ୍ପର୍ମ ଡୋନେଶନ ପାଇଁ ସାଇନ କରିଥିଲେ। ତାଙ୍କୁ ୫୫୦ ସନ୍ତାନର ବାପା କୁହାଯାଏ। ମାତ୍ର ତାଙ୍କର ଆହୁରି ମଧ୍ୟ ସନ୍ତାନ ଥିବାର ମଧ୍ୟ କହନ୍ତି ଲୋକେ। ଜୋନାଥନଙ୍କ କୁହନ୍ତି ଯେ, ସେ ମାଗଣାରେ ସ୍ପର୍ମ ଡୋନେଟ କରନ୍ତି। କିନ୍ତୁ, ସାଇନ କରିଥିବା କ୍ଲିନିକ ଅନୁସାରେ, ସେ ଏହା ପାଇଁ ପଇସା ମଧ୍ୟ ନେଇ ଥାଆନ୍ତି ବୋଲି ଜଣା ପଡିଛି। କେବଳ ନେଦରଲ୍ୟାଣ୍ଡରେ ତାଙ୍କର ୩୭୫ ସନ୍ତାନ ଥିବାବେଳେ ଜର୍ମାନୀରେ ୮୦, ବେଲଜିୟମରେ ୩୫, ଆର୍ଜେଂଟିନାରେ ୪ ଓ ଅଷ୍ଟ୍ରେଲିଆରେ ୨ ଜଣ ସନ୍ତାନ ରହିଛନ୍ତି। ଏହି ସ୍ପର୍ମ ଡୋନେସନ ପାଇଁ ଜୋନାଥନଙ୍କୁ କୋର୍ଟର ଦ୍ୱାରସ୍ଥ ମଧ୍ୟ ହେବାକୁ ପଡିଥିଲା।

# ସୋନାକ୍ଷୀ-ଜହୀରଙ୍କୁ ଟ୍ରୋଲ କରୁଥିବା ଟ୍ରୋଲର୍ସଙ୍କୁ ଶତ୍ରୁଘ୍ନ ଦେଲେ ଚେତାବନୀ

ସୋନାକ୍ଷୀ ସିହ୍ନା ୨୩ ଜୁନରେ ଜହୀର ଇକବାଲଙ୍କ ସଙ୍ଗେ ବିବାହ କରିଥିଲେ। ତେବେ ସୋନାକ୍ଷୀ ସିହ୍ନା ଏବଂ ଜହୀର ଇକବାଲଙ୍କ ବିବାହରେ ଅଭିନେତ୍ରୀଙ୍କ ଭାଇ ଲୁଭ ସିହ୍ନାଙ୍କ ଅନୁପସ୍ଥିତି ଟ୍ରୋଲ ହେବାର କାରଣ ସାଜିଛି। ବର୍ତମାନ ଶତ୍ରୁଘ୍ନ ସିହ୍ନା ଏହା ଉପରେ ରିଆକ୍ଟ କରି ଚେତାବନୀ ଦେଇଛନ୍ତି। ଶତ୍ରୁଘ୍ନ ସିହ୍ନା ଏକ ଇଂଟରଭ୍ୟୁରେ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ଝିଅଙ୍କ ବିବାହକୁ ନେଇ ଲୋକେ ତାଙ୍କ ଫ୍ୟାମିଲି ବିରୋଧରେ ଘୃଣ୍ୟ ଅଭିଯାନ ଆରମ୍ଭ କରିଛନ୍ତି । ବରିଷ୍ଠ କଳାକାର ଏହା ମଧ୍ୟ କହିଛନ୍ତି ଯେ, ଚିନ୍ତାର ବିଷୟ କିଛି ନୁହେଁ। ଆମେ ଏକ ସାଧାରଣ ପରିବାର ଭଳି ଥିଲୁ ଯେଉଁଠାରେ ବିବାହ ହେଉଥିଲା, ଆମେ ଏତେ ଟାର୍ଗେଟରେ କାହିଁକି ଆସିଲୁ ତାହା ଆପଣ ହିଁ କହିପାରିବେ। ଆମେ ତା ପାଇଁ ଦାବି କରିନଥିଲୁ। ଏହା ପ୍ରଥମ ଥର ନୁହେଁ, ଏଭଳି ବିବାହ ହେଉଛି। ଆମ ପରିବାରକୁ ଅଧିକ ଟାର୍ଗେଟ କରାଯାଉଛି। ହେଲେ ସ୍ପଷ୍ଟ କରିଦେଉଛି ଯେ, ଯଦି ମୋ ପରିବାର ପ୍ରତି ବିପଦ ଆସେ ତେବେ ମୁଁ ଏହା କ୍ଷମା କରିବି ନାହିଁ।

# ବିପାସାଙ୍କ ସନ୍ତାନ ପ୍ରେମରେ ଆଲିଆ...

ଆଲିଆ ଭଟ୍ଟ ଓ ବିପାଶୁ ବସୁ ନିଜ ଜୀବନର ସୁନ୍ଦର ମୁହୂର୍ତ୍ତର ଆନନ୍ଦ ନେଉଛନ୍ତି। ବଲିଉଡର ଏହି ଦୁଇ ଅଭିନେତ୍ରୀ କିଛି ବର୍ଷ ପୂର୍ବେ ହଟ ଆଣ୍ଡ ବୋଲ୍ଡ ଅଭିନେତ୍ରୀରୁ ମା' ହେବାର ସୌଭାଗ୍ୟ ପ୍ରାପ୍ତ କରିଛନ୍ତି। ଇତିମଧ୍ୟରେ ରଣବୀରଙ୍କ ସହଧର୍ମିଣୀ ସୁନ୍ଦରୀ ଆଲିଆ ବିପାଶାଙ୍କ ଝିଅ



ଦେବୀଙ୍କୁ କିଛି କପଡା ଓ ବହି ଉପହାର ଆକାରରେ ପଠାଇଛନ୍ତି। ବିପାଶା ଏହି ଉପହାରକୁ ନିଜ ଇନଷ୍ଟାଗ୍ରାମ ଷ୍ଟୋରୀରେ ସେୟାର କରିଛନ୍ତି। ତାହାସହ ଆଲିଆଙ୍କୁ କହିଛନ୍ତି, 'ଧନ୍ୟବାଦ'। ବଲିଉଡ ହଟ ବିପାଶା ଆଲିଆଙ୍କୁ ଆହୁରି କହିଛନ୍ତି ଯେ, ପଠାଇଥିବା ଏହି ଆକର୍ଷଣୀୟ ଆଉଟଫିଟ ଓ ସୁନ୍ଦର ବହି ନାମକ ଉପହାର ପାଇଁ ଧନ୍ୟବା। ଦେବୀ ପ୍ରଥମରୁ ହିଁ ବହି ପଢିବାକୁ ପସନ୍ଦ କରନ୍ତି। ତାଙ୍କୁ ଏହି ବହି ବେଶ୍ ପସନ୍ଦ ମଧ୍ୟ ଆସିଛି। ପ୍ରକାଶଥାଉ ଯେ, ବିପାଶା ୧୨ ନଭେମ୍ବର ୨୦୨୨ ମସିହାରେ କରଣ ସିଂ ଗ୍ରୋବରଙ୍କ ସହ ଦେବୀର ସ୍ୱାଗତ କରିଥିଲେ। ଏକ ସାକ୍ଷାତକାରରେ ବିପାଶା ଖୁଲାସା କରିଥିଲେ ଯେ କରଣ ଓ ସେ ପ୍ରଥମରୁ ହିଁ ସନ୍ତାନର ଆଶାରେ ଥିଲେ। ମାତ୍ର ଏହା ଦୀର୍ଘ ଦିନ ପରେ ପୂରଣ ହେଲା। କାହିଁକି କେଜାଣେ !



# ଭିକିଙ୍କୁ ପ୍ରଶଂସା କଲେ ସଲମାନ



ଭିକି କୌଶଲ ଏବେ ନିଜର ଅପକମିଂ ସିନେମା 'ବ୍ୟାଡ ନ୍ୟୁଜ' ପାଇଁ ଚର୍ଚ୍ଚାରେ ରହିଛନ୍ତି। ଏହି ସିନେମା ରିଲିଜ ହେବାର ପାଦଦେଶରେ ଅଛି ଓ ଅଭିନେତା ଭିକି କୌଶଲ ଜୋରସୋରରେ ଏହାର ପ୍ରମୋସନରେ ଲାଗିଛନ୍ତି। ସିନେମାରେ ଭିକିଙ୍କ ସହ ଏମି ୱିର୍କ ଓ ତୃପ୍ତି ଡିମରୀ ମଧ୍ୟ ନଜର ଆସିବେ। ଏହି ସିନେମାର ଗୋଟିଏ ଗୀତ ରିଲିଜ ହେବା ଦିନଠୁ ହିଁ ଭାଇରାଲ ହେବାରେ ଲାଗିଛି। ଏହି ଗୀତକୁ ଯେକେହି ବି ପ୍ରଶଂସା କରୁଛନ୍ତି। ଗୀତର ନାମ ହେଉଛି 'ତୌବା ତୌବା'। ଫ୍ୟାନ୍ସଙ୍କଠୁ ଆରମ୍ଭ କରି ସେଲିବ୍ରିଟି ପର୍ଯ୍ୟନ୍ତ ସମସ୍ତେ ଏଥିରେ ମନ୍ତ୍ରମୁଗ୍ଧ ହେଉଛନ୍ତି। ଇତିମଧ୍ୟରେ ଏଥିରେ ସାମିଲ ହୋଇଛନ୍ତି ବଲିଉଡ ଭାଇଜାନ ସଲମାନ ଖାନ। ସଲମାନ ଭିକିଙ୍କ ଏହି ଗୀତରେ ତାଙ୍କର ଡ୍ୟାନ୍ସକୁ ପ୍ରଶଂସା କରିଛନ୍ତି । ଏଥିସହିତ ନିଜର ଇନଷ୍ଟାଗ୍ରାମ ଷ୍ଟୋରୀରେ ମଧ୍ୟ ତାଙ୍କର ଡ୍ୟାନ୍ସକୁ ସେୟାର କରିଛନ୍ତି। ନିଜେ ଭିକି ସଲମାନ ଖାନଙ୍କ ଏଭଳି ପ୍ରଶଂସାରେ ଶତମୁଖ ହୋଇ ଉଠିଛନ୍ତି। ତାହାସହ ବିଳମ୍ବ ନ କରି ହିଁ ସେ ସଲମାନ ଖାନଙ୍କ ପୋଷ୍ଟର ଉତର ରଖିଛନ୍ତି। ସେ ଇନଷ୍ଟାଗ୍ରାମରେ 'ତୌବା ତୌବା' ଗୀତରେ ଭିକିଙ୍କ ଡ୍ୟାନ୍ସ ସେୟାର କରି ଲେଖିଛନ୍ତି, 'ଶାନଦାର ମୁଭ ଭିକି, ସଙ୍ଗସ ଅଚ୍ଛା ଲଗ ରହା ହୈ'। ସଲମାନଙ୍କ ଶୁଭକାମନା ପରେ ଭିକି ତାହାକୁ ବିଶ୍ୱାସ କରି ପାରି ନ ଥିବା କହିଛନ୍ତି । ସେ ପ୍ରତ୍ୟୁତରରେ ଲେଖିଛନ୍ତି, 'ଆପ ବହୁତ ପ୍ୟାରେ ହୈ ସଲମାନ ସାର'।




# ରନ ଫର୍ ଏଲି ପ୍ୟାଣ୍ଟ୍ '୫ କିଲୋମିଟର ର ମାରାଥନ ଦୌଡ଼ ଆୟୋଜନ

କେନ୍ଦୁଝର, (ପି.ଏନ): କେନ୍ଦୁଝର ଜିଲ୍ଲାପାଳ ଅଫିସ ସମ୍ମୁଖ ରେ କେନ୍ଦୁଝର ଫରେଷ୍ଟ ଡିଭିଜନ,ଓ ସେଣ୍ଟ୍ରାଲ ଜି.ଏସ.ଟି ଙ୍କ ମିଳିତ ଉଦ୍ୟମ ରେ' ରନ ଫର୍ ଏଲି ପ୍ୟାଣ୍ଟ୍ '୫ କିଲୋମିଟର ର ମାରାଥନ ଦୌଡ଼ ଆୟୋଜନ କରାଯାଇଛି ।୨୦୨୩ ମସିହାରୁ ଏହି ମାରାଥନ ଗଣ ଦୌଡ଼ ର ପ୍ୟାଟର୍ନ ଆରମ୍ଭ ହୋଇଥିଲା । କ୍ରମଶଃ ଏହା ରାଜ୍ୟ ସ୍ତରରେ ଆୟୋଜନ କରାଗଲା। ଆଜି ଅନୁଷ୍ଠିତ ହୋଇଥିବା ଏହି ମାରାଥନ ରେ ପ୍ରାୟ ୬୦୦ ରୁ ଉର୍ଦ୍ଧ୍ୱ ଏନ.ସି. ସି ଛାତ୍ର ଆଉ ସାଧାରଣ ନାଗରିକ ଏହି ଗଣ ଦୌଡ଼ ରେ ଭାଗ ନେଇଥିଲେ। ରିଜର୍ଭ ପଡିଆ



ରୁ ଗଣ ଦୌଡ଼ ଆରମ୍ଭ କରାଯାଇ ୫ କିଲୋମିଟର ପର୍ଯ୍ୟନ୍ତ ସହର ପରିକ୍ରମା କରାଯାଇଥିଲା ।ଏହି ଗଣଦୌଡ ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବନ୍ୟ ଜନ୍ତୁ ମାନଙ୍କର ବାସସ୍ଥଳୀ ସଂରକ୍ଷଣ ଏବଂ ତାଙ୍କର ସୁରକ୍ଷା ପ୍ରଦାନ କରିବା ।ଏଥି ପାଇଁ ସମସ୍ତଙ୍କର ସହଯୋଗ ର ହାତ ବଢ଼ାଇବା କୁ ବନ ବିଭାଗ ଅଧିକାରୀ ମତ ଦେଇଛନ୍ତି ।ସେ ଆହୁରି ମଧ କହିଛନ୍ତି ଯେ ହାତୀ ମାନେ ଅଦୃଶ୍ୟ ଭାବରେ ପରିବେଶ କୁ ସନ୍ତୁଳନ କରୁଛନ୍ତି ।ତେଣୁ ହାତୀ ମାନଙ୍କର ସୁରକ୍ଷା ପାଇଁ ଯାହା ଆବଶ୍ୟକ ସେଥି ପାଇଁ ସମସ୍ତ ନାଗରିକ ମାନଙ୍କୁ ପ୍ରଜନ୍ବାନ୍ ହେବାକୁ ପଡିବ। ଏଥି ପାଇଁ ସେ ଏକା ଧାରା ରେ ସମସ୍ତ ସାଧାରଣ ନାଗରିକ,ଗଣମାଧମ ଓ ସରକାରୀ କର୍ମଚାରୀ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।କୃତ୍ରିମ ଜଙ୍ଗଲ କିପରି ସୃଷ୍ଟି କରାଯାଇ ପାରିବ ସେଥିପ୍ରତି ମଧ ନଜର ଦେବା ଆବଶ୍ୟକ ବୋଲି ସେ କହିଥିଲେ ।ତେବେ ଯାଇ ଦେଶ ଓ ଜାତି ର ଉନ୍ନତି ସମ୍ଭବ ବୋଲି ସେ ଗଣ ମାଧମ କୁ କହିଛନ୍ତି ।

# ଏନକାଉଣ୍ଟରରେ ଦୁଇ ମହିଳା ମାଓବାଦୀ ସହ ୧୬ ମାଓବାଦୀ ନିହତ

ନୂଆପଡା, (ପି.ଏନ): ଓଡିଶା-ଛତିଶଗଡ ସୀମାନ୍ତ ନୂଆପଡା ଜିଲ୍ଲା ସୀମା ଠାରୁ ୫ କିଲୋମିଟର ଦୂର ଛତିଶଗଡ ର ଗରିଆବନ୍ଦ ଜିଲ୍ଲା ମୈନପୁର ଥାନା କୁଲାରୀଘାଟ ସଂରକ୍ଷିତ ଜଙ୍ଗଲ ରେ ଓଡିଶା ଏବଂ ଛତିଶଗଡ ପୋଲିସ ର ମିଳିତ ସର୍ଚ୍ଚ ଅପରେସନ ସୁରକ୍ଷାବାହିନୀ କୁ ଏକ ବଡ଼ଧରଣର ସଫଳତା ମିଳିଛି । ମିଳିଥିବା ସୂଚନା ଅନୁସାରେ ଏ ଯାଏଁ ଦୁଇ ମହିଳା କ୍ୟାଡର ମାଓବାଦୀ ସମେତ ୧୬ ଜଣ ମାଓବାଦୀ ସୁରକ୍ଷାକର୍ମୀ ଙ୍କ ଏନକାଉଣ୍ଟର ରେ ନିପାତ ହୋଇଥିବା ପୋଲିସ ମହାନିର୍ଦ୍ଦେଶକ ପ୍ରେସ ବିବୃତି ରେ ସୂଚନା ଦେଇଛନ୍ତି । ଏଥିସହ ବହୁ ପରିମାଣ ରେ ଅସ୍ତ୍ରଶସ୍ତ୍ର ସହ ବିସ୍ଫୋରକ ଜବ୍ଦ ହୋଇ ଥିବା ଅନେକ ମାଓବାଦୀ ଆହତ ହୋଇ ଥିବା ମଧ ସୂଚନା ଦେଇଛନ୍ତି । ତେବେ ଉକ୍ତ ଏନକାଉଣ୍ଟର ରେ ଟପ ମାଓ ନେତା ତଥା ସେଣ୍ଟ୍ରାଲ କମିଟି ମେମ୍ବର ଚଳପତି ମଧ ଯବାନ ଙ୍କ ଗୁଳିରେ ନିହତ ହୋଇ ଥିବା



ଜଣାପଡିଛି ।ବର୍ତମାନ ମଧ ମିଳିତ ଭାବେ କୁମ୍ବିଙ୍ଗ ଅପରେସନ କୁ ଜୋରଦାର କରି ସର୍ଚ୍ଚ ଅପରେସନ ଜାରି ରହିଛି । ପ୍ରକାଶ ଯେ ନୂଆପଡା ଜିଲ୍ଲା ସୀମା ରୁ ପାଞ୍ଚ କିଲୋମିଟର ଦୂର ଛତିଶଗଡ ର ଗରିଆବନ୍ଦ ଜିଲ୍ଲା ମୈନପୁର ଥାନା କୁଲାରୀଘାଟ ସଂରକ୍ଷୀତ ଜଙ୍ଗଲ ରେ ବହୁ ସଂଖ୍ୟା ରେ ମାଓବାଦୀ ମାନେ ଲୁଚି ରହିଥିବା ଗୁଇନ୍ଦା ପକ୍ଷରୁ ପୋଲିସ କୁ ସୂଚନା ମିଳିଥିଲା । ଉକ୍ତ ସୂଚନା କୁ ଆଧାର କରି ଛତିଶଗଡ ଏବଂ ଓଡିଶା ସୁରକ୍ଷା କର୍ମୀ ଏବଂ କେନ୍ଦ୍ରୀୟ ସୁରକ୍ଷା କର୍ମୀ ମିଳିତ ରେ କୁମ୍ବିଙ୍ଗ ଅପରେସନ କୁ ଜୋରଦାର ସର୍ଚ୍ଚ ଅପରେସନ ସମୟ ରେ ମାଓବାଦୀ ଙ୍କ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇ ଉଭୟ ପକ୍ଷରୁ ଗୁଳି ବିନିମୟ ପରେ ସୁରକ୍ଷା ବାହିନୀ ଏହି ବଡ଼ ଧରଣର ସଫଳତା ମିଳିଥିଲା ଯାହାଦ୍ୱାରା ୧୬ ଜଣ ମାଓବାଦୀ ସୁରକ୍ଷାକର୍ମୀ ଗୁଳି ରେ ନିପାତ ହୋଇଥିବା ବେଳେ ଅନ୍ୟ ପଟେ ନୂଆପଡା ଜିଲ୍ଲା ଧରମବନ୍ଧା ଅଞ୍ଚଳ ରେ ମାଓବାଦୀ ପୋଷ୍ଟର ଦେଇ ମାଓବାଦୀ ମାନେ ନିଜର ଉପସ୍ଥିତି ଜାହିର କରିଛନ୍ତି । ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ) ଓଡିଶା ରାଜ୍ୟ କମିଟି ଉଲ୍ଲେଖ ଥିବା ଏହି ଦଶ ଗୋଟି ମାଓ ପୋଷ୍ଟର ଧରମବନ୍ଧା ହସ୍ପିଟାଲ ସମ୍ମୁଖରେ ରେ ସୋମବାର ସକାଳୁ ପଡ଼ିଥିବା ଦେଖିବାକୁ ମିଳିଥିଲା । ଧରମବନ୍ଧା ପୋଲିସ ମାଓ ପୋଷ୍ଟର ଗୁଡିକୁ ଜବତ କରି ତଦନ୍ତ ଜାରି ରଖିଛି ।

# କେନ୍ଦୁଝର ଯୋଡ଼ା ତାରିଣୀ ପ୍ରସାଦ ମାଇନ୍ସ ଠାରେ ଠିକାଦାରଙ୍କ ଦାଦାଗିରି ଯୋଗୁଁ କୀର୍ତ୍ତନ ମହାକୁଡ ଗାଡିକୁ ରୋକ୍ ଲଗାଇବା

କେନ୍ଦୁଝର ଜିଲ୍ଲା ବାମେବାରି ଅନ୍ତର୍ଗତ ବସନ୍ତପୁର ଅଞ୍ଚଳର ଜଣେ ଟ୍ରକ୍ ମାଲିକ କୀର୍ତ୍ତନ ମହାକୁଡ ଜଙ୍ଗଲକୁ ଛେଳି ଚରାଇବାକୁ ପୀଢ଼ପୋଖରି ଯାଇଥିଲେ, ଏହି ସମୟରେ ଦେଖିବାକୁ ପାଇଲେ ଜଣେ ଠିକାଦାର ବେଆଇନ୍ ଭାବେ ଜଙ୍ଗଲ କାଟି ରାସ୍ତା କରୁଥିଲେ, ଏହି ଖବର ସଙ୍ଗେ ସଙ୍ଗେ ଜଙ୍ଗଲ ବିଭାଗୀୟ ଅଧିକାରୀ କୁ ଫୋନ ମାଧ୍ୟମରେ ଜଣାଇଥିଲି, ଏହି ଖବର ପାଇ ତୁରନ୍ତ ଜଙ୍ଗଲ ବିଭାଗୀୟ କିଛି କର୍ମଚାରୀ ସେହି ସ୍ଥଳରେ ପହଂଚି ଥିଲେ, ସେଠାରେ ଦେଖିବାକୁ ମିଳିଲା ଠିକାଦାର ବ୍ରହ୍ମେଶ୍ୱର ମହାକୁଡ (ଅକ୍ଷୟ) ପିତା - ଦୁର୍ଯ୍ୟୋଧନ ମହାକୁଡ ବେଆଇନ ଭାବେ ରାସ୍ତା ନିର୍ମାଣ କରୁଥିଲେ, ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ତାଙ୍କର ଟ୍ରେଲର, ଜେସିପି ମେସିନ୍, ପକ୍ଲେନ୍ ଓ କଟର ପିଲାଙ୍କ ଗାଡି ଜବଦ କରିଥିଲେ, ଏହି ସବୁ ଘଟଣାକୁ ନେଇ ମୋତେ ସାକ୍ଷ୍ୟ ଦେବାପାଇଁ କୋର୍ଟ ର ଦ୍ୱାରସ୍ଥ ହୋଇଥିଲି, ଏହାକୁ ଆଧାର କରି ମୋର ଗାଡି ତାରିଣୀ ପ୍ରସାଦ ମାଇନ୍ସ ରେ ଲୋଡିଂ ପାଇଁ ବାରଣ କରାଯାଇଅଛି, ମୁଁ ଏହି ବିଷୟ ନେଇ ମାଇନ୍ସ କୁ ଯାଇଥିଲି, ସେଠାରେ ବ୍ରହ୍ମେଶ୍ୱର ମହାକୁଡ଼ ଓ ସୁବାଷ୍ ମହାକୁଡ ଉପସ୍ଥିତ ଥିଲେ, ସେମାନେ କହିଲେ ତୁମ ଗାଡି ଲୋଡିଂ ଦିଆଯିବ



ନାହିଁ, ତୁ ଆମ ବିରୋଧରେ ଲାଗୁଛି, ତୋତେ ରାସ୍ତାରୁ ହଟାଇ ଦିଆଯିବ, ଜିବନରେ ମାରି ପକାଇ ଦେବୁ, ତେଣୁ ଜୀବନ ଭୟରେ ସେ ବର୍ତ୍ତମାନ ପୁଲିସ ସହାୟକ ଦରକାର ଭାବି ଆରକ୍ଷୀ ଅଧିକାରୀ ଙ୍କ ଦ୍ୱାରସ୍ଥ ହୋଇଛନ୍ତି, ଏଥିରେ ଜଣାପଡ଼ିଛି ଯେ କିପରି ଠିକାଦାର ଙ୍କ ଦାଦାଗିରି । ପୁଲିସ ଅଧିକାରୀ ଏହାର ତଦନ୍ତ କରୁଛନ୍ତି ।

# କେନ୍ଦୁଝର ଯୋଡ଼ା ତାରିଣୀ ପ୍ରସାଦ ମାଇନ୍ସ ଠାରେ ଠିକାଦାରଙ୍କ ଦାଦାଗିରି ଯୋଗୁଁ କୀର୍ତ୍ତନ ମହାକୁଡ ଗାଡିକୁ ରୋକ୍ ଲଗାଇବା

କେନ୍ଦୁଝର ଜିଲ୍ଲା ବାମେବାରି ଅନ୍ତର୍ଗତ ବସନ୍ତପୁର ଅଞ୍ଚଳର ଜଣେ ଟ୍ରକ୍ ମାଲିକ କୀର୍ତ୍ତନ ମହାକୁଡ ଜଙ୍ଗଲକୁ ଛେଳି ଚରାଇବାକୁ ପୀଢ଼ପୋଖରି ଯାଇଥିଲେ, ଏହି ସମୟରେ ଦେଖିବାକୁ ପାଇଲେ ଜଣେ ଠିକାଦାର ବେଆଇନ୍ ଭାବେ ଜଙ୍ଗଲ କାଟି ରାସ୍ତା କରୁଥିଲେ, ଏହି ଖବର ସଙ୍ଗେ ସଙ୍ଗେ ଜଙ୍ଗଲ ବିଭାଗୀୟ ଅଧିକାରୀ କୁ ଫୋନ ମାଧ୍ୟମରେ ଜଣାଇଥିଲି, ଏହି ଖବର ପାଇ ତୁରନ୍ତ ଜଙ୍ଗଲ ବିଭାଗୀୟ କିଛି କର୍ମଚାରୀ ସେହି ସ୍ଥଳରେ ପହଂଚି ଥିଲେ, ସେଠାରେ ଦେଖିବାକୁ ମିଳିଲା ଠିକାଦାର ବ୍ରହ୍ମେଶ୍ୱର ମହାକୁଡ (ଅକ୍ଷୟ) ପିତା - ଦୁର୍ଯ୍ୟୋଧନ ମହାକୁଡ ବେଆଇନ ଭାବେ ରାସ୍ତା ନିର୍ମାଣ କରୁଥିଲେ, ତେଣୁ ବିଭାଗୀୟ



କର୍ତ୍ତୃପକ୍ଷ ତାଙ୍କର ଟ୍ରେଲର, ଜେସିପି ମେସିନ୍, ପକ୍ଲେନ୍ ଓ କଟର ପିଲାଙ୍କ ଗାଡି ଜବଦ କରିଥିଲେ, ଏହି ସବୁ ଘଟଣାକୁ ନେଇ ମୋତେ ସାକ୍ଷ୍ୟ ଦେବାପାଇଁ କୋର୍ଟ ର ଦ୍ୱାରସ୍ଥ ହୋଇଥିଲି, ଏହାକୁ ଆଧାର କରି ମୋର ଗାଡି ତାରିଣୀ ପ୍ରସାଦ ମାଇନ୍ସ ରେ ଲୋଡିଂ ପାଇଁ ବାରଣ କରାଯାଇଅଛି, ମୁଁ ଏହି ବିଷୟ ନେଇ ମାଇନ୍ସ କୁ ଯାଇଥିଲି, ସେଠାରେ ବ୍ରହ୍ମେଶ୍ୱର ମହାକୁଡ଼ ଓ ସୁବାଷ୍ ମହାକୁଡ ଉପସ୍ଥିତ ଥିଲେ, ସେମାନେ କହିଲେ ତୁମ ଗାଡି ଲୋଡିଂ ଦିଆଯିବ ନାହିଁ, ତୁ ଆମ ବିରୋଧରେ ଲାଗୁଛି, ତୋତେ ରାସ୍ତାରୁ ହଟାଇ ଦିଆଯିବ, ଜିବନରେ ମାରି ପକାଇ ଦେବୁ, ତେଣୁ ଜୀବନ ଭୟରେ ସେ ବର୍ତ୍ତମାନ ପୁଲିସ ସହାୟକ ଦରକାର ଭାବି ଆରକ୍ଷୀ ଅଧିକାରୀ ଙ୍କ ଦ୍ୱାରସ୍ଥ ହୋଇଛନ୍ତି, ଏଥିରେ ଜଣାପଡ଼ିଛି ଯେ କିପରି ଠିକାଦାର ଙ୍କ ଦାଦାଗିରି କ୍ଷ ପୁଲିସ ଅଧିକାରୀ ଏହାର ତଦନ୍ତ କରୁଛନ୍ତି ।

# କେନ୍ଦୁଝରରେ 'ରନ ଫର୍ ଏଲିଫ୍ୟାଣ୍ଟ' ମାରାଥନ ଗଣ ଦୌଡ଼ ଅନୁଷ୍ଠିତ

କେନ୍ଦୁଝର (ପି.ଏନ): କେନ୍ଦୁଝର ଜିଲ୍ଲାପାଳ ଅଫିସ ସମ୍ମୁଖ ରେ କେନ୍ଦୁଝର ଫରେଷ୍ଟ ଡିଭିଜନ,ଓ ସେଣ୍ଟ୍ରାଲ ଜି.ଏସ.ଟି ଙ୍କ ମିଳିତ ଉଦ୍ୟମ ରେ' ରନ ଫର୍



ଏଲି ପ୍ୟାଣ୍ଟ୍ '୫ କିଲୋମିଟର ର ମାରାଥନ ଦୌଡ଼ ଆୟୋଜନ କରାଯାଇଛି । ୨୦୨୩ ମସିହାରୁ ଏହି ମାରାଥନ ଗଣ ଦୌଡ଼ ର ପ୍ୟାଟର୍ନ ଆରମ୍ଭ ହୋଇଥିଲା ।କ୍ରମଶଃ ଏହା ରାଜ୍ୟ ସ୍ତରରେ ଆୟୋଜନ କରାଗଲା ।ଆଜି ଅନୁଷ୍ଠିତ ହୋଇଥିବା ଏହି ମାରାଥନ ରେ ପ୍ରାୟ ୬୦୦ ରୁ ଉର୍ଦ୍ଧ୍ୱ ଏନ.ସି. ସି ଛାତ୍ର ଆଉ ସାଧାରଣ ନାଗରିକ ଏହି ଗଣ ଦୌଡ଼ ରେ ଭାଗ ନେଇଥିଲେ। ରିଜର୍ଭ ପଡିଆ ରୁ ଗଣ ଦୌଡ଼ ଆରମ୍ଭ କରାଯାଇ ୫ କିଲୋମିଟର ପର୍ଯ୍ୟନ୍ତ ସହର ପରିକ୍ରମା କରାଯାଇଥିଲା ।ଏହି ଗଣଦୌଡ ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବନ୍ୟ ଜନ୍ତୁ ମାନଙ୍କର ବାସସ୍ଥଳୀ ସଂରକ୍ଷଣ ଏବଂ ତାଙ୍କର ସୁରକ୍ଷା ପ୍ରଦାନ କରିବା ।ଏଥି ପାଇଁ ସମସ୍ତଙ୍କର ସହଯୋଗ ର ହାତ ବଢ଼ାଇବା କୁ ବନ ବିଭାଗ ଅଧିକାରୀ ମତ ଦେଇଛନ୍ତି ।ସେ ଆହୁରି ମଧ କହିଛନ୍ତି ଯେ ହାତୀ ମାନେ ଅଦୃଶ୍ୟ ଭାବରେ ପରିବେଶ କୁ ସନ୍ତୁଳନ କରୁଛନ୍ତି ।ତେଣୁ ହାତୀ ମାନଙ୍କର ସୁରକ୍ଷା ପାଇଁ ଯାହା ଆବଶ୍ୟକ ସେଥି ପାଇଁ ସମସ୍ତ ନାଗରିକ ମାନଙ୍କୁ ପ୍ରଜନ୍ବାନ୍ ହେବାକୁ ପଡିବ। ଏଥି ପାଇଁ ସେ ଏକା ଧାରା ରେ ସମସ୍ତ ସାଧାରଣ ନାଗରିକ,ଗଣମାଧମ ଓ ସରକାରୀ କର୍ମଚାରୀ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। କୃତ୍ରିମ ଜଙ୍ଗଲ କିପରି ସୃଷ୍ଟି କରାଯାଇ ପାରିବ ସେଥିପ୍ରତି ମଧ ନଜର ଦେବା ଆବଶ୍ୟକ ବୋଲି ସେ କହିଥିଲେ ।ତେବେ ଯାଇ ଦେଶ ଓ ଜାତି ର ଉନ୍ନତି ସମ୍ଭବ ବୋଲି ସେ ଗଣ ମାଧମ କୁ କହିଛନ୍ତି ।

# ସରକାରୀ ସହାୟତାରୁ ବଂଚିତ ଦିବ୍ୟାଙ୍ଗ ଧନମତି



କୋମନା: ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ କୁରେଶ୍ୱର ଗ୍ରାମପଂଚାୟତ ଦୋହେଲପଡା ଗ୍ରାମର ପରମେଶ୍ୱର ରାଉତ ଓ ମା ଗୋମତି ରାଉତଙ୍କର ଦିବ୍ଯାଙ୍ଗ ଝିଅ ଧନମତି ରାଉତ( ୨୫ ),ସେ ଜନ୍ମରୁ ଦିବ୍ୟାଙ୍ଗ ଅଟନ୍ତି। ବାପା କୁଲି ମଜୁରୀ କରି ପରିବାର ପ୍ରତିପୋଷଣ କରୁଛନ୍ତି ।ହେଲେ ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନାରୁ ସେ ବଂଚିତ ହୋଇଥିବା ଅଭିଯୋଗ ହୋଇଛି । ସରକାରୀ ସହାୟତା କହିଲେ କେବଳ ପ୍ରତିମାସ ଦିବ୍ୟାଙ୍ଗ ଭତ୍ତା ମିଳୁଛି । ପୂର୍ବରୁ ସରକାରଙ୍କ ଯୋଜନାରେ ୫କେଜି ଚାଉଳ ମିଳୁଥିଲା, ତାହା ମଧ୍ଯ ଗତ ଦୁଇବର୍ଷ ହେବ ମିଳୁନି । ପ୍ରଶାସନଠାରେ ଅନେକ ଥର ଦୃଷ୍ଟି ଆକର୍ଷଣ କରିଛନ୍ତି,କିନ୍ତୁ ସୁଫଳ ମିଳୁ ନାହିଁ। ଗତ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ପୁଣିଥରେ ଅଭିଯୋଗ କରିଛନ୍ତି । ଧନମତି ରହିବା ପାଇଁ ଘର, ତିନିଚକିଆ ସାଇକେଲ ଓ ଚାଉଳ ସୁବିଧା ଯୋଗାଇଦେଲେ ଝିଅ ପାଇଁ ଭଲ ହେବ ବୋଲି ଧନମତିର ମା ନିବେଦନ କରିଛନ୍ତି।

# କରଞ୍ଜିଆ ଠାରେ ଉପଖଣ୍ଡ ସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ

କରଞ୍ଜିଆ : କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାପାଳ ହେମକାନ୍ତ ସୋୟ ଓ ମୟୂରଭଞ୍ଜ ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀଙ୍କ ଅଧକ୍ଷତା ରେ ଉପଖଣ୍ଡ ସ୍ତରୀୟ ଯୁଗ୍ମ ଜନ ଅଭିଯୋଗର ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି ।ଏହି ଜନ ଅଭିଯୋଗ ଶୁଣାଣୀ ସମୟରେ ଉପଖଣ୍ଡ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ , ଉପଖଣ୍ଡ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାସ ଦାସ୍ , ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର,କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ, ଚିକିତ୍ସାଧିକାରୀ ଅନିତା ସିଂ, କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ସେଠୀ , ସମସ୍ତ ୫ ଟି ବ୍ଲକ ବିଡ଼ିଓ,



ତହସିଲଦାର, ପୋଲିସ୍ ତଥା ସମସ୍ତ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭ ରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସହ ଜନସାଧାରଣ ଙ୍କ ଠାରୁ ଆସୁଥିବା ଆପତ୍ତି ଅଭିଯୋଗ ଗୁଡିକର ସମାଧାନ ତ୍ୱରିତ ପ୍ରକ୍ରିୟା ରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ ।ଏହି ଶିବିରରେ ମୋଟ ୮୮ ଟି ଅଭିଯୋଗ ଶୁଣାଣୀ କରାଯାଇଥିଲା ।ସେଗୁଡିକ ମଧ୍ୟରୁ ୬୪ଟି ବ୍ୟକ୍ତିଗତ ସମସ୍ୟା ଥିବା ବେଳେ ୨୪ଟି ଗ୍ରାମବାସୀଙ୍କ ସମସ୍ୟା ଅଭିଯୋଗ ରହିଥିବା ଜଣାପଡିଛି । ସମସ୍ତ ଅଭିଯୋଗ ଶୁଣିବା ପରେ ଅଭିଯୋଗ ଗୁଡ଼ିକର ବିଭାଗୀୟ ଅଧିକାରୀ ମାନଙ୍କୁ ସମାଧାନ ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଓ ନିର୍ଦ୍ଦେଶ ଦେଇଥିଲେ । ଆଜିର ଶିବିରକୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ଜମି ବିବାଦକୁ ନେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କଲେ ପରିବାର ଲୋକେ

ସୋର, (ପି.ଏନ): ଜମି ବିବାଦକୁ ନେଇ ଦୁଇ ପରିବାର ଅନଶନରେ ବସିଛନ୍ତି। ଗୋଟିଏ ପରିବାର ସୋର ତହସିଲ ସମ୍ମୁଖରେ ପରିବାରସହ ବସିଥିବା ବେଳେ ଅନ୍ୟ ଜଣେ ସବରେଜିଷ୍ଟରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସିଛନ୍ତି। ସୂଚନା ଅନୁସାରେ ୧୯୬୮ ମସିହାରେ ପିତାମ୍ବର ସେଠୀଙ୍କ ପରିବାର ପକ୍ଷରୁ ସୋର ତହସିଲ ଅଧିନ ବ୍ରହ୍ମଣସାହି ମୌଜାରେ ୭୮ ଡିସମିଲ ଜାଗା କିଣିଥିଲେ। ମାତ୍ର ସେତେବେଳେ ନାମଜାରୀ ହୋଇପାରିନଥିବା ବେଳେ ସେ ଏହି ଜମିକୁ ଦଖଲକୁ ନେଇ ଚାଷ କରୁଛନ୍ତି । ବର୍ତମାନ ନାମଜାରୀ ପାଇଁ ଆବେଦନ କରିବାରୁ ଉକ୍ତ ୭୮ ଡିସମିଲ ଜାଗାରୁ ତାଙ୍କ ନାମରେ ୨୦ ଡିସମିଲ ଥିବା ବେଳେ ୫୮ ଡିସମିଲ ଜାଗା ନିରୂପମା ସାହୁଙ୍କ ନାଁରେ ଥିବା ଜାଣିବାକୁ ପାଇଥିଲେ ।ଏନେଇ ସେ ମୁଖ୍ୟମନ୍ତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର କୌଣସି ସୁଫଳ ନମିଳିବାରୁ ଆଜି ସେ ଆମରଣ ଅନଶନରେ ପରିବାର ସହ ସୋର ତହସିଲ ସମ୍ମୁଖରେ ବସିଛନ୍ତି। ଅନ୍ୟପଟେ ନିରୂପମା ସାହୁ ୨୦୧୪ ରେ କିଣିଥିବା ଉକ୍ତ ଜମିର ୫୮ ଡିସମିଲ ଜାଗାର କାଗଜପତ୍ର ନେଇ ସୋର ସବରେଜିଷ୍ଟର କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏନେଇ ସୋର ତହସିଲଦାର ଶେଖ ସାଗିରଙ୍କୁ ପଚାରିବାରୁ ଗତ ୧୯/୩/୨୦୧୪ ରେ ନିରୂପମା ସାହୁ ୫୮ ଡିସମିଲ ଜମି କିଣିଥିବା ନେଇ ସମସ୍ତ କାଗଜପତ୍ର ସହ ନାମଜାରୀ ପାଇଁ ଅପିଲ କରିଥିଲେ। ସେହି ମୂଳେ ୨୦୧୮/୨୦୧୫ ନାମଜାରୀ କେଶ ଇସୁ କରାଯାଇ ତାଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। କିନ୍ତୁ ତହସିଲ ଆଗରେ ଧାରଣାରେ ବସିଥିବା ବ୍ୟକ୍ତି ଜଣଙ୍କ ଯେଉଁ ସିଭିଲ କେଶ କଥା କହୁଛନ୍ତି ନିରୂପମା ସାହୁ ପୂର୍ବରୁ ଏକ ସିଭିଲ କେଶ ଜିଲ୍ଲା କୋର୍ଟରେ ଦାଖଲ କରିଛନ୍ତି। ଯାହା ଏବେ ବିଚାରାଧୀନ ଅବସ୍ଥାରେ ଅଛି। ବିଚାର ହେବା ପରେ ଆମେ ଏ ବାବଦରେ ଉଭୟ ପକ୍ଷଙ୍କୁ ଡକାଇ ସମାଧାନ ବାବଦରେ ଆଲୋଚନା କରିବୁ। ସେହିପରି ଉପନିବନ୍ଧକ ମାଧୁରୀ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ଏହା ବହୁତ ପୁରୁଣା ଘଟଣା ଯାହା ମୁଁ ଜାଣିନାହିଁ ଏ ବାବଦରେ ନିରପେକ୍ଷ ତଦନ୍ତ କରିବୁ ବୋଲି କହିଥିଲେ ।ତେବେ ସନ୍ଧ୍ୟାରେ ତହସିଲଦାର ସେକ ସାଗିର ଏବଂ ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଅନଶନ ରତ ପିତାମ୍ବର ସେଠୀଙ୍କ ପରିବାର ସହ ଆଲୋଚନା କରିଥିଲେ ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ପରିବାର ଲୋକେ ଅନଶନ ଜାରି ରଖିଛନ୍ତି।

# ପଚ୍ଚାଙ୍ଗି ବ୍ଲକ ଅଧକ୍ଷାଙ୍କ ଦ୍ୱାରା ସମୁଦ୍ର କୂଳେ ବନ୍ଧୁ ମିଳନ

ଜୟପୁର , : କୋରାପୁଟ ଜିଲ୍ଲା ସୀମାନ୍ତ ପଟ୍ଟାଙ୍ଗି ବ୍ଲକର ପ୍ରତ୍ୟେକ ପଂଚାୟତ ର ସମିତିସଭ୍ୟ,ସଭ୍ୟା ମାନଙ୍କୁ ନେଇ ନୂତନ ବର୍ଷ ଲାଗି ପଟ୍ଟାଙ୍ଗି ବ୍ଲକ ଅଧକ୍ଷା କୋଲ୍ହନା ପାଙ୍ଗି ଙ୍କ ନେତୃତ୍ୱରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସହ ଏକ ଭୋଜି ର ଆୟୋଜନ କରାଯାଇଥିଲା । ବିଶେଷ କରି ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ପଟ୍ଟାଙ୍ଗି ବ୍ଲକର ୧୪ ଗୋଟି ପଂଚାୟତର ସମସ୍ତ ସମିତି ସଭ୍ୟ,ସଭ୍ୟା ମାନଙ୍କୁ ନେଇ ଆନ୍ଧ୍ର ସ୍ଥିତ ବିଶାଖାପାଟଣା ନିକଟସ୍ଥ ସମୁଦ୍ର କୂଳେ ଏକ ବନ୍ଧୁ ମିଳନ ଆୟୋଜିତ ହୋଇଯାଇଛି ।ବିଶେଷ କରି ବିଗତ ପୁରୁଣା ବର୍ଷରେ ପ୍ରତ୍ୟେକ



ପଂଚାୟତର ଜନ ପ୍ରତିନିଧି ମାନେ ଲୋକଙ୍କ ସେବା ରେ ରହିଆସୁଥିଲେ। ତେଣୁ ଅନେକ ସମୟରେ ସମୟ ଅଭାବ ଯୋଗୁଁ କିଏ ମଧ ଏକାଠି ମିଳିତ ହୋଇପାରୁ ନ ଥିଲେ ତେଣୁ ନୂତନ ବର୍ଷ ୨୦୨୫ ମସିହା ରେ ଏକ ନୂତନ ଯୋଜନା କରି ପଟ୍ଟାଙ୍ଗି ବ୍ଲକ ଅଧକ୍ଷା କୋଲ୍ହନା ପାଙ୍ଗି ଏହି କାର୍ଯ୍ୟକ୍ରମ ଆୟୋଜିତ କରିଥିବା ସୂଚନା ମିଳିଛି।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଉତ୍କଳମଣି ଗୋପାବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳୀ ସହ ମକର ସଂକ୍ରାନ୍ତି ପାଳନ

ଜୟପୁର, (ପି.ଏନ): ଶିକ୍ଷା ବିଭାଗ, ଓଡ଼ିଶାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗତ ୧୫ ଜାନୁୟାରୀ ୨୦୨୫ ରେ ବିଶ୍ୱବିଦ୍ୟାଳୟ ପରିସରରେ ମକର ସଂକ୍ରାନ୍ତି ପର୍ବ ଆନନ୍ଦ ଏବଂ ଉତ୍ସାହର ସହିତ ପାଳିତ ହୋଇଯାଇଛି । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଉଦ୍ଘାଟନ କରିଥିଲେ । ଏହି ଅବସରରେ ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ଭରତ କୁମାର ପଣ୍ଡା ଏବଂ ସମାଜବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର କପିଳ ଖେମୁଣ୍ଡୁ ମଞ୍ଚରେ ଉପସ୍ଥିତ



ଥିଲେ। ଏହି ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ଓଡ଼ିଶା ଇତିହାସରେ ସମ୍ମାନିତ ବ୍ୟକ୍ତିତ୍ୱ ପଣ୍ଡିତ ଉତ୍କଳମଣି ଗୋପାବନ୍ଧୁ ଦାସଙ୍କୁ ଉତ୍ସର୍ଗୀକୃତ ଚିତ୍ରକଳା ପ୍ରଦର୍ଶନୀ। ପ୍ରଫେସର ତ୍ରିପାଠୀ ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ଗୋପାବନ୍ଧୁଙ୍କ ଶିକ୍ଷା ଦର୍ଶନ ଏବଂ ତାଙ୍କ ଜୀବନ ଉପରେ ଆଧାରିତ ଚିତ୍ରକଳା ପୁସ୍ତକ ପ୍ରସ୍ତୁତ କରିବାକୁ ପ୍ରେରଣା ଦେଇଥିଲେ ଏହି କାର୍ଯ୍ୟକ୍ରମକୁ ଅଧିକ ରଙ୍ଗୀନ କରିବା ପାଇଁ ଗୋପାବନ୍ଧୁ ସଦନର ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ ଉପସ୍ଥାପନା କରିଥିଲେ ଏବଂ ଭାରତର ବିଭିନ୍ନ ସ୍ଥାନରେ ମକର ସଂକ୍ରାନ୍ତି ପାଳନ କରିବାର ବିଭିନ୍ନ ଉପାୟ ବିଷୟରେ ଆକର୍ଷଣୀୟ ସୂଚନା ପ୍ରଦର୍ଶନ କରିଥିଲେ ।ପ୍ରଫେସର ଡ। ପଣ୍ଡା ତାଙ୍କ ଅଭିଭାଷଣରେ ପ୍ରତି ୧୪୪ ବର୍ଷରେ ଥରେ ଘଟୁଥିବା ମହା କୁମ୍ଭ ମେଳାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ମକର ସଂକ୍ରାନ୍ତିର ମହତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ। ଡକ୍ଟର ଖେମୁଣ୍ଡୁ ମକର ସଂକ୍ରାନ୍ତି ପର୍ବରେ କୋରାପୁଟ ଜନଜାତିର ଅନନ୍ୟ ପରମ୍ପରାକୁ ବର୍ଣ୍ଣନା କରିଥିଲେ ।

# ଅବକାରୀ ବିଭାଗର ଚଢାଉ ବିଦେଶୀ ମଦ ଜବତ, ଜଣେ ଗିରଫ

ବେତନଟୀ (ପି.ଏନ): ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ଥାନା ଅଧୀନ କୋଚିଲାଖୁଣ୍ଟା ଛକରେ ଚଢାଉକରି ଚୋରା ବିଦେଶିମଦ ଜବତ କରିବା ସହିତ ଏହି ବେଆଇନ କାରବାରରେ ଜଡିତ ଜଣକୁ ଗିରଫକରି ମଙ୍ଗଳବାର ଅପରାହ୍ନ ସାଢେ ଚାରିଟାରେ କୋର୍ଟଚାଲାଣ କରିଛି ଅବକାରୀ ବିଭାଗ କ୍ଷ ଗିରଫ ଅଭିଯୁକ୍ତ ଜଣକ ହେଉଛି କୋଚିଲାଖୁଣ୍ଟା ଗ୍ରାମର ଗୁଇନ ସାହୁର ପୁଅ ନିରୋଜ କୁମାର ସାହୁ କ୍ଷ ସୂଚନା ମୁତାବକ ନିରୋଜ କୁମାର ସାହୁ କୋଚିଲାଖୁଣ୍ଟା ଏରିଆରେ ଚୋରାମଦ କାରବାର କରୁଥିବାର ଖବରପାଇ ବେତନଟୀ ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ଚଢାଉ କରାଯାଇଥିଲା। ଚଢାଉ ସମୟରେ ଅଭିଯୁକ୍ତ ନିରୋଜ ନିକଟରୁ ୬ଲିଟର ପାଖାପାଖି ବିଅର ଜବତ କରାଯାଇଥିଲା । ଏନେଇ ଅବକାରୀ ଥାନାପକ୍ଷରୁ ଏକ ମାମଲା ରୁଜୁକରି ଗିରଫ ନିରୋଜ କୁମାର ସାହୁର ସ୍ୱାସ୍ଥ୍ୟପରୀକ୍ଷାପରେ ଅପରାହ୍ନରେ ବେତନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଛି ।

# ଚୋରା ଦେଶୀମଦ ଜବତ ,ଜଣେ ଗିରଫ

ବେତନଟୀ, (ପି.ଏନ): ଦହିକୋଟୀ ପଞ୍ଚାୟତ ଅଧୀନ ସାରିଆ ଉପକଣ୍ଠ ରାମଚନ୍ଦ୍ରପୁର ଗ୍ରାମରେ ଚଢାଉକରି ଚୋରା ଦେଶିମଦ ଜବତ ଘଟଣାରେ ଗିରଫ ଅଭିଯୁକ୍ତକୁ ମଙ୍ଗଳବାର ଅପରାହ୍ନ ୩ଟାରେ କୋର୍ଟଚାଲାଣ କଲା ଅବକାରୀ ବିଭାଗ । ଗିରଫ ଅଭିଯୁକ୍ତ ଜଣକ ହେଉଛି ରାମଚନ୍ଦ୍ରପୁର ଗ୍ରାମର ଗୋପାଲ ମାଝୀ। ଗୋପାଲ ଚୋରାମଦ କାରବାର କରୁଥିବାର ଖବରପାଇ ବେତନଟୀ ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ରାମଚନ୍ଦ୍ରପୁର ଗ୍ରାମରେ ଚଢାଉ କରାଯାଇଥିଲା କ୍ଷ ଚଢ଼ାଉ ସମୟରେ ଗୋପାଲ ନିକଟରୁ ୧୨ ଲିଟର ଚୋରା ଦେଶିମଦ ଜବତ କରାଯାଇଥିଲା।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୫, ମାର୍ଚ୍ଚ ୨୭

# ଡିଜିଟାଲ ଡ୍ରଗ୍ସ


ଡାକ୍ତର ସମ୍ରାଟ କର

ଡିଜିଟାଲ ଦୁନିଆ ପାଇଁ ଆମ ସମସ୍ତଙ୍କ କାର୍ଯ୍ୟପ୍ରଣାଳୀ ଯେତିକି ସହଜ ହୋଇପାରିଛି, ଯୁବପିଢ଼ି ଓ ଶିଶୁଙ୍କ ଉପରେ ସେତିକି କୁପ୍ରଭାବ ପଡ଼ିଛି। ସାଧାରଣ ଜୀବନରେ ଏହା ଅନେକଙ୍କ ପାଇଁ ଏକ ଅତ୍ୟାବଶ୍ୟକତା ପାଲଟିଗଲାଣି। ଓଡ଼ିଆରେ ଏକ ଲୋକକଥା ଅଛି 'ଦେଖାଶିଖା ଓଡ଼ିଶା'। ଅର୍ଥାତ୍ ନଜାଣି ନବୁଝି ଆମ ପାଖରେ ଜଣେ ଯଦି ଏକ ଭିନ୍ନ ଆଚରଣ ବା ଢ଼ଙ୍ଗରଙ୍ଗ ଦେଖାଏ ଆମ୍ଭେମାନେ ସେହିପରି ନିଜକୁ ଅଭ୍ୟସ୍ତ କରାଇଲେ। କିଛିଦିନ ହେବ ବିଶେଷ ଭାବରେ ଟିନ୍ଏଜମାନେ ଦକ୍ଷିଣ କୋରିଆନ ମ୍ୟୁଜିକ ବ୍ୟାଣ୍ଡ ବିଟିଏସ୍ ପାଇଁ ପାଗଳ ହୋଇଉଠିଛନ୍ତି। କେବଳ ସଙ୍ଗୀତ ନୁହେଁ, ତାଙ୍କ ଭଳି ପୋଷାକ ପିନ୍ଧିବା ଏବଂ ତାଙ୍କର ଖାଦ୍ୟ ଶୈଳୀକୁ ଅନୁସରଣ କରୁଛନ୍ତି। ଏ କ୍ଷେତ୍ରରେ କିଛି ଜଣ ପିଲା ହସ୍ପିଟାଲରେ ମଧ୍ୟ ଭର୍ତ୍ତି ହୋଇଥିବାର ଖବର ମିଳିଛି। ଏହାକୁ ଆମ ମନସ୍ତାତ୍ତ୍ୱିକ ଭାଷାରେ ଡିଜିଟାଲ ଡ୍ରଗ୍ସ ବୋଲି ବୁଝାଯାଇଥାଏ। ଏହାକୁ 'ବାଇନୋରଲ୍ ବିଟ୍ସ' ବା 'ଅଡିଓ ଡ୍ରଗ୍ସ' ମଧ୍ୟ କୁହାଯାଏ। ପ୍ରକୃତରେ ଡିଜିଟାଲ ଡ୍ରଗ୍ସର ଅର୍ଥ ହେଉଛି, ଉଚ୍ଚ ଧ୍ୱନୀ ସମ୍ପନ୍ନ ସଙ୍ଗୀତ ଶୁଣିବାର ଏକ ଅଭ୍ୟାସ। ଯଦି ସେଭଳି ସଙ୍ଗୀତ ଶୁଣିବାକୁ ନମିଳେ, ତେବେ ଡ୍ରଗ୍ସ ଅଭାବରେ ହେଉଥିବା ଲକ୍ଷଣ ଗୁଡ଼ିକ ଦେଖାଯାଏ। ଏହି ସଙ୍ଗୀତରେ ଦୁଇଟି ଭିନ୍ନ ଫ୍ରିକ୍ୱେନ୍ସିର ସଙ୍ଗୀତ ତରଙ୍ଗ କାନ ଦ୍ୱାରା ମସ୍ତିଷ୍କକୁ ଯାଇଥାଏ, ଯାହା ମନୋରଞ୍ଜନ କରେ। ଏହାକୁ ଶୁଣିବା ଦ୍ୱାରା ମାଦକଦ୍ରବ୍ୟ ଖାଇବା ଭଳି ଅନୁଭୂତ ହୁଏ। ସୋସିଆଲ ମିଡ଼ିଆରେ ଏଭଳି ସଙ୍ଗୀତର ଅଡ଼ିଓ ଓ ଭିଡ଼ିଓ ରହିଛି, ଯାହାକୁ ଶୁଣିବା ପରେ ଯୁବଗୋଷ୍ଠୀ ମାନସିକ ଅସୁସ୍ଥତାରେ ପୀଡ଼ିତ ହେଉଛନ୍ତି। ଏହି ମାନସିକ ଅସୁସ୍ଥତାର ଶିକାର ଅଧିକାଂଶ କେବଳ ଯୁବ ପିଢ଼ି ନୁହଁନ୍ତି କର୍ମଜୀବୀଙ୍କ ଭିତରେ ଏହା ବଢୁଥିବାରୁ ସେମାନଙ୍କ କର୍ମ ସଂସ୍ଥାନରେ ବିଶୃଙ୍ଖଳା ସହ ବ୍ୟକ୍ତିଗତ ଜୀବନରେ ମଧ୍ୟ କେତେକ ବିଲକ୍ଷଣ ସୃଷ୍ଟି କରିବା ସ୍ୱାଭାବିକ। ପ୍ରାଥମିକ ଅବସ୍ଥାରେ ଏହି 'ବାଇନୋରଲ୍ ବିଟ୍ସ'ର ସହଜ ଶିକାର ହେଉଥିବା ଲୋକମାନେ ପରବର୍ତ୍ତୀ ସମୟରେ ଉଚ୍ଚ ଫ୍ରିକ୍ୱେନ୍ସିର କେବଳ ସଂଗୀତ ନୁହେଁ କଥାବାର୍ତ୍ତା ଶୁଣିବାକୁ ଭଲପାଆନ୍ତି ଯାହାକି କେବଳ ଏକ ପ୍ରକାର ମାନସିକ ବିକାରତା ନୁହଁ ବରଂ ଏକ ସାମାଜିକ ବିକାରତା। କାରଣ ଉଚ୍ଚ ଧ୍ୱନୀ ବା ସଂଗୀତ କିମ୍ବା କଥାବର୍ତ୍ତା ଆପଣଙ୍କ ଆଖପାଖର ପରିବେଶକୁ ଖରାପ କରିଥାଏ। ଅନ୍ୟମାନଙ୍କ ପାଇଁ ଏହା ଶ୍ରୁତିକଟୁ ହେବା ମଧ୍ୟ ସ୍ୱାଭାବିକ ଏବଂ ଏହାକୁ ନେଇ ବେଳେ ବେଳେ କୌଣସି କୌଣସି ସ୍ଥାନରେ ଅଭାବନୀୟ ଘଟଣା ଘଟିବାର ନଜିର ମଧ୍ୟ ରହିଛି।

ଗୋଟିଏ କାନରେ ୫୦୦ ହର୍ଜ ଏବଂ ଦ୍ୱିତୀୟ କାନରେ ୫୨୦ ହର୍ଜର ଫ୍ରିକ୍ୱେନ୍ସି ସଙ୍ଗୀତ ଶୁଣିବା ଦ୍ୱାରା ମସ୍ତିଷ୍କରେ ଏକ ଅଡ଼ିଟରି ଇଲ୍ୟୁଜନ ସୃଷ୍ଟି ହୋଇଥାଏ। ଏହାପରେ ମସ୍ତିଷ୍କରୁ ଆସୁଥିବା ବାୟୋଫିଡ଼ବ୍ୟାକ ଦ୍ୱାରା ଶାନ୍ତି ଓ ଖୁସିର ଅନୁଭବ ହୁଏ। ଅନେକଥର ଏଭଳି ସଙ୍ଗୀତ ଶୁଣିବା ଦ୍ୱାରା ବ୍ୟକ୍ତି ଭାବୁକ ହୋଇଉଠେ, ଭୁଲ ଠିକର ବିଚାର କରିବାର ଶକ୍ତି ହରାଇବସେ, ନିଜ ଦୈନନ୍ଦିନ କାମରେ ରୁଚି ରଖେନାହିଁ, ହାତ ଗୋଡ଼ ଦୁର୍ବଳ ହେଲା ଭଳି ଅନୁଭବ ହୁଏ, ମାଂସପେଶୀ ଟାଣି ହୋଇଗଲା ଭଳି ମନେହୁଏ। ତେଣୁ ଏହି ସଙ୍ଗୀତକୁ ଭାଙ୍ଗ ବିଟ୍ସ ମଧ୍ୟ କୁହାଯାଏ। ଯଦି ଏହି ସଙ୍ଗୀତ ଗୋଟିଏ ଦିନ ଶୁଣିବାକୁ ନ ମିଳେ, ତାହେଲେ ଆକ୍ରମଣାତ୍ମକ ବ୍ୟବହାର, ବ୍ୟସ୍ତ ବିବ୍ରତ ଚିନ୍ତାଧାରା, ଅସ୍ତବ୍ୟସ୍ତ ଲାଗିବା ଭଳି ଲକ୍ଷଣ ଦେଖାଯାଏ। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଡିଜିଟାଲ ଡ୍ରଗ୍ସର ଅଭ୍ୟାବ କବଳରେ ୫.୩% କମ ବୟସର ପିଲାମାନେ ଅଛନ୍ତି। ଏହାକୁ ଦୂର କରିବା ପାଇଁ ମନୋଚିକିତ୍ସକଙ୍କ ପରାମର୍ଶ ସହ ସିବିଟି (କଗ୍ନିଟିଭ ବିହେଭିଅର ଥେରାପି) ନେବା ଉଚିତ। ପିଲାମାନେ ଏଥିରେ ଏପରି ଆସକ୍ତ ହୋଇପଡ଼ିଥାନ୍ତି ଯେ ସେମାନେ କେବଳ ନିଜ ପାଠପଢ଼ା ନୁହେଁ ନିଜ ଖାଇବା ପିଇବାକୁ ମଧ୍ୟ ଏକ ପ୍ରକାର ଭୁଲି ଯାଇଥାନ୍ତି। ସେମାନଙ୍କ ଶରୀରିକ ଅଭିବୃଦ୍ଧି ଓ ସୃଜନଶୀଳତା ସବୁକିଛି ବାଧାପ୍ରାପ୍ତ ହୋଇଥାଏ। ସେହିପରି ଆପଣଙ୍କ ନିତିଦିନିଆ ଜୀବନରେ ଅତ୍ୟଧିକ ସମୟ କାନରେ ହିୟରିଂଏଡ଼ ଦେଇ ସଙ୍ଗୀତ ଶୁଣିବା ହେଉ ବା ମୋବାଇଲ ବ୍ୟବହାର ଏହା ଖରାପ ନିଶ୍ଚୟ। ଏହା କାନକୁ ପ୍ରଭାବିତ କରିବା ସହ ଜଣକୁ ନିଜେ ଉପସ୍ଥିତ ଥିବା ସ୍ଥାନ ଠାରୁ ଏକ ପ୍ରକାର ଅସ୍ୱାଭାବିକ କରିଦିଏ ଯାହାପାଇଁ କି ଅନେକ ସମୟରେ ଦୁର୍ଘଟଣାର ଅଘଟଣ ସୃଷ୍ଟି କରିଥାଏ। ଅନେକ ଏହାକୁ ନିଜ ଭୋକଶୋଷ ଭୁଲି କାମଧନ୍ଦାକୁ ଅବହେଳା କରିଥାନ୍ତି। ସେମାନଙ୍କ ଜୀବନର ରୁଟିନ ଏକ ଭିନ୍ନ ଢ଼ଙ୍ଗରେ ଚାଲିଥାଏ। ଘଣ୍ଟା ଘଣ୍ଟା ଧରି ଏହା କାନରେ ରହିବା ଦ୍ୱାରା ପ୍ରଥମତଃ ଜଣଙ୍କ ଏକାଗ୍ରତା ନଷ୍ଟ ହୋଇଥାଏ ଦ୍ୱିତୀୟତଃ ଏହା ଆପଣଙ୍କ ପରବର୍ତ୍ତୀ ସମୟରେ ଶ୍ରବଣ ଶକ୍ତି ଉପରେ ଗୁରୁତର ପ୍ରଭାବ ପକାଇଥାଏ। ବିଶେଷକରି କାନ ଝିଲ୍ଲୀ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ମଧ୍ୟ ରହିଥାଏ। ପରବର୍ତ୍ତୀ ସମୟରେ ଏହା ଅନେକ ଅସୁବିଧାର କାରଣ ହୋଇଥାଏ। ଅନେକ ଏହାପରେ ବିଭିନ୍ନ ନିଶା ସେବନର ଅଭ୍ୟାସ କରିଥାନ୍ତି, ସଠିକ ସମୟରେ ନିଦ ହୋଇନଥାଏ ଏବଂ ଜଣେ ଅଯଥାରେ ଅନ୍ୟମାନଙ୍କ ଉପରେ ଚିଡ଼ଚିଡ଼ା ବ୍ୟବହାର ମଧ୍ୟ ଦେଖାଇଥାଏ। ତେଣୁ ଏହାଠାରୁ ଦୂରେଇବା ସବୁଠାରୁ ଭଲ। ଜଣଙ୍କ ଜୀବନରେ ଯେତିକି ସମୟ ଆବଶ୍ୟକ ପଡୁଛି ସାମାଜିକ ଗଣମାଧ୍ୟମ ସହ ସକ୍ରିୟ ରୁହନ୍ତୁ ଏବଂ ମନେରଖନ୍ତୁ ଯେ, ଆପଣଙ୍କର ବି ଜୀବନ ଅଛି, ଆପଣଙ୍କର କର୍ମ ସଂସ୍ଥାନ ଅଛି ଏବଂ ଘର ପରିବାର ବି ଅଛି। ଏସବୁ ଭିତରେ ଭାରସାମ୍ୟ ରଖନ୍ତୁ। ଏ କ୍ଷେତ୍ରରୁ ଯଥା ସମ୍ଭବ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ପ୍ରଥମତଃ ନିଜ ସମୟ ଓ କାର୍ଯ୍ୟ ନିର୍ଘଣ୍ଟ ସହ ଆପଣଙ୍କ ପ୍ରତିଦିନର ରୁଟିନ ବନ୍ଧା ଜୀବନକୁ ଦେଖନ୍ତୁ। ଏହା ଯେପରି ଅନ୍ୟ ମାନଙ୍କ ପାଇଁ ବିରକ୍ତିକର ଓ ଶ୍ରୁତିକଟୁ ନହୁଏ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ। କେହି କେହି କେବଳ ଶାରୀରିକ କ୍ରୀଡ଼ା କୌଶଳ, ବ୍ୟାୟାମ ବା ଜଗିଂ ବା ମର୍ଣ୍ଣିଂୱାର୍କ ନୁହେଁ ବରଂ ଯୋଗ ପ୍ରାଣାୟମ ସମୟରେ ମଧ୍ୟ ଏହାର ସାହାରା ନେଇଥାନ୍ତି ଯାହାକି ଆଦୌ ଠିକ ନୁହେଁ। ଏହା ଯେପରି ଆପଣଙ୍କ ସର୍ବନିମ୍ନ ଖାଇବା ପିଇବା ଓ ବିଶ୍ରାମକୁ ଅସଜଡ଼ା ନକରେ ସେ ଦିଗ ପ୍ରତି ସତର୍କ ରୁହନ୍ତୁ। କାରଣ ଅନେକଙ୍କ ଏହି କୁଅଭ୍ୟାସ କେବଳ ଘର ପରିବାରର ଜୀବନ ନୁହେଁ ସେମାନଙ୍କ କର୍ମମୟ ବା କର୍ମ ସଂସ୍ଥାନର କ୍ଷେତ୍ରକୁ ପ୍ରଭାବିତ ମଧ୍ୟ କରିଥାଏ। ଆପଣଙ୍କ ସର୍ବନିମ୍ନ ଦୂରତାରେ କୌଣସି ଗୀତ ସଂଗୀତ ଭିତରେ ଯୋଗ ପ୍ରାଣାୟମ ବା ଅନ୍ୟ କାର୍ଯ୍ୟ କରିପାରନ୍ତି ଏହା ଏକ ଭଲ ଅଭ୍ୟାସ କିନ୍ତୁ ଆପଣଙ୍କ ଜୀବନଚର୍ଯ୍ୟା ଓ ଦାୟିତ୍ୱ ସହ ଜୀବନ ଚେତନାକୁ ଯେପରି ଏହା ଦୁଃଖଦର କାରଣ ନହୁଏ ଆପଣ ଏହାକୁ ବିଚାର କରି ଜୀବନକୁ ପ୍ରସ୍ତୁତ କରନ୍ତୁ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,
ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

# ଓଡ଼ିଶା ବିଜେପିର ବିଶ୍ୱକର୍ମା : ଡାକ୍ତର ଦେବେନ୍ଦ୍ର ପ୍ରଧାନ


ଅଲେଖ ଚନ୍ଦ୍ର ସାମଲ

ଓଡ଼ିଶାର ଅନେକ ଅଭାବ ଭିତରୁ ଗୋଟିଏ ଅଭାବ ହେଉଛି ସଫଳ କାହାଣୀର ଅଭାବ। ଏଠି ସଫଳ କାହାଣୀର ଅର୍ଥ କେହି କେହି ଉଦଯୋଗ ବା ଶ୍ରେଷ୍ଠତାକୁ ଧରିପାରନ୍ତି। କିନ୍ତୁ ରାଜନୀତି ଓ ଡାକ୍ତରୀ ନୀତି ଏହି ଦୁଇଟି ନୀତି ଭିତରେ ଅପୂର୍ବ ସମନ୍ୱୟ ରଖି ଏକ ତ୍ୟାଗପୂତ ଓ କର୍ମମୟ ଜୀବନ ଅତିବାହିତ କରିବାରେ ସଫଳ ହୋଇଥିଲେ ଓଡ଼ିଶା ବିଜେପିର ପ୍ରମୁଖ ବିନ୍ଧାଣୀ ପ୍ରମୁଖ ସ୍ରଷ୍ଟା ସ୍ୱର୍ଗତଃ ଡାକ୍ତର ଦେବେନ୍ଦ୍ର ପ୍ରଧାନ। କହିବାକୁଗଲେ ସ୍ୱପ୍ନ ଦେଖିବାକୁ ମନା ନାହିଁ ବେଳେ ବେଳେ ରାତି ଛୋଟ ଓ ସ୍ୱପ୍ନ ଅଧିକ ହୋଇଯାଏ। ମାତ୍ର ହୃଦୟକୁ ଦୃଢ଼ କରି ସ୍ୱପ୍ନକୁ ସାକାର କରିବାରେ ହିଁ ମଣିଷର ମନୁଷ୍ୟତ୍ୱ ପରିଚୟ ଦେଇଥାଏ। ଆଜିର ଭୌତିକ ଧନ ମାନବ ସମାଜ ଉପରେ ଜୀବନର ମହାମନ୍ତ୍ର ଭୁଲିଯାଇ ମଣିଷଟି ଗର୍ବୀ, ଅହଂକାରୀ ପାଲଟି ଯାଉଛି। ଯାହାର ପ୍ରଭାବରେ ସମାଜରେ ଅନୀତି ଦୁର୍ନୀତି ବଢ଼ି ବଢ଼ି ଚାଲିଛି। ତେବେ ମୂଲ୍ୟବୋଧ ଭିତ୍ତିକ ଜୀବନ ଏବଂ ଦଳପ୍ରତି ସମର୍ପଣ, କର୍ମୀ ମାନଙ୍କ ପ୍ରତି ଅତୁଟ ଆବେଗ ଓ ଭଲ ପାଇବା ହିଁ ଜୀବନର ଯେ ବଡ଼ ଅନ୍ୟତମ ସଫଳତା ତାହା ଦେଖାଇ ଯାଇଛନ୍ତି ସଫଳ କର୍ମଯୋଗୀ ଓ ଓଡ଼ିଶା ସମସ୍ତଙ୍କର ପ୍ରିୟ ରାଜନେତା ଡାକ୍ତର ଦେବେନ୍ଦ୍ର ପ୍ରଧାନ।

ସଂସାରରେ ତିନି ପ୍ରକାର ଲୋକ ଥାଆନ୍ତି ଯଥା ନୀଚ ବା ଅଧମ, ମଧ୍ୟମ ଏବଂ ଉତ୍ତମ। କୌଣସି କାର୍ଯ୍ୟ ଆରମ୍ଭ କଲେ କାଳେ କିଛି ବିଘ୍ନ ଘଟିବ ସେଥିପାଇଁ ଅଧମ ବ୍ୟକ୍ତି କୌଣସି କାମ ଆରମ୍ଭ କରନ୍ତି ନାହିଁ। କାମ ନକରିବା ଫଳରେ ସେମାନେ ଦୁଃଖ କଷ୍ଟରେ ଚଳନ୍ତି। ଯେଉଁମାନେ କୌଣସି କାମ କରନ୍ତି କିନ୍ତୁ ବିଘ୍ନ ସୃଷ୍ଟି ହେଲେ ଅଧାରୁ କାମ ଛାଡ଼ି ଦିଅନ୍ତି ସେମାନଙ୍କର ଚେଷ୍ଟା ବିଫଳ ହୁଏ ଧନ ହାନୀ ଘଟେ, ପ୍ରାଣପୀଡ଼ା ହୁଏ। ସେମାନେ ମଧ୍ୟମ ବ୍ୟକ୍ତି। ସଂସାରରେ ଆଉ କେତେକ ଲୋକ ଅଛନ୍ତି ଯେଉଁମାନେ କାମ ଆରମ୍ଭ କରନ୍ତି କାମରେ ବିଘ୍ନ ଜୁଟିଲେ ମଧ୍ୟ ସଫଳତା ଅର୍ଜନ ନକଲା ପର୍ଯ୍ୟନ୍ତ କାମକୁ ଛାଡ଼ି ଯେତେ କାମରେ ବାଧାବିଘ୍ନ ଆସିଲେ ମଧ୍ୟ କାମରେ ସଫଳତା ନ ଆସିବା ପର୍ଯ୍ୟନ୍ତ ସେ ବିରତ ହୁଅନ୍ତି ନାହିଁ। ସେ ହିଁ ଉତ୍ତମ। ଏହିପରି ଉତ୍ତମ ଓ ନୀତିନିଷ୍ଠ ବ୍ୟକ୍ତିମାନେ ହିଁ ଜୀବନରେ ଉନ୍ନତି କରନ୍ତି ଯାହା ସ୍ୱର୍ଗତଃ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଠାରେ ଦେଖାଯାଇଥିଲା।

ମଣିଷକୁ ମଣିଷ ବୋଲି ଦେଖି ତାକୁ ଭଲ ପାଇଲେ ଭଗବାନ ସନ୍ତୁଷ୍ଟ ହେବେ। ଅନ୍ୟକୁ ସାହାଯ୍ୟ କରିବା ପାଇଁ ଉପକରଣ, ସାଧନ ଯୋଗାଇ ଦେଲେ ସୃଷ୍ଟି ସୁନ୍ଦର ହେବ, ସୁଖମୟ ହେବ ଏହା ହିଁ ଭଗବାନ ଚାହାଁନ୍ତି। ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଗାଢ଼ ନିଷ୍ଠ ଆତ୍ମବିଶ୍ୱାସ, ସାଧନା, ଅମାୟିକ ବ୍ୟବହାର ଓ ସହିଷ୍ଣୁତାର ପରିଚୟ ଅନ୍ୟ ମାନଙ୍କ ପାଇଁ ଶିକ୍ଷଣୀୟ। ପ୍ରବଳ ପବନରେ ସାଧାରଣ ବୃକ୍ଷଟିଏ ଭାଙ୍ଗି ପଡ଼େ ମାତ୍ର ପାହାଡ଼ କେବେ ବିଚଳିତ ହୁଏନା। ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଭାଷାରେ 'ଗିରିଶିଖେ ଲୟରଖି ଚାଲିବି ମୁକର'କୁ ଆଦର୍ଶ ଭାବି ମନକୁ ଦୃଢ଼ କରି ପ୍ରଖର ସ୍ରୋତରେ ଭାସି ନଯାଇ ସେ କେବଳ ନିଜେ କୂଳରେ ଲାଗି ନାହାଁନ୍ତି ବରଂ ଦଳକୁ ଏପରି ସଫଳତାର କୂଳରେ ଲଗାଇଛନ୍ତି ଯେ ତାହା କଳ୍ପନାର ବାହାରେ। ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରତି ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀ ଏବଂ ବିଜେପିର ବିଶେଷ ସମ୍ମାନ ରହିଥିଲା। ଓଡ଼ିଶାକୁ ଆଗକୁ ବଢ଼ାଇବା ସହ ଦେଶୁ ମଜଭୁତ କରିବା ଦିଗରେ ତାଙ୍କର ଚିନ୍ତାଧାରା ଥିଲା ସ୍ୱତନ୍ତ୍ର। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ପିତାଙ୍କ ସଂସ୍କାରରେ ଓଡ଼ିଶା ଓ ଦେଶକୁ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହାଙ୍କ କାନ୍ଧରେ କାନ୍ଧ ମିଶାଇ ଆଗକୁ ବଢୁଛନ୍ତି। ତାଙ୍କୁ ସେବେ ଉଚିତ ଶ୍ରଦ୍ଧାଞ୍ଜଳି ହେବ ଯେତେବେଳେ ସେ ଦେଖାଇଥିବା ମାର୍ଗରେ ଆମେ ରାଜ୍ୟ ଓ ଦେଶକୁ ମଜଭୁତ



କରିବା ଦିଗରେ ନିଜର ରହିଥିବା ଦାୟିତ୍ୱକୁ ସୁଚାରୁରୂପେ ନିର୍ବାହ କରିବା। ଓଡ଼ିଶା ରାଜନୀତିର ଏହି ଅଜାଦ ଶତ୍ରୁଥିଲେ ଓଡ଼ିଶା ବିଜେପିର ମୁରବୀ ଏବଂ ଅନ୍ୟତମ ସ୍ରଷ୍ଟା। ବିଜେପିର ନୀତି ଓ ଆଦର୍ଶ ପ୍ରତି ପୂର୍ଣ୍ଣ ସମର୍ପିତ ଭାବନାର ସହ ସେ ଦାୟିତ୍ୱ ନିର୍ବାହ କରିଥିଲେ। ରାଜ୍ୟରେ ବିଜେପିକୁ ତୃଣମୂଳ ସ୍ତରରୁ ଛିଡ଼ା କରାଇବାକୁ ତାଙ୍କ ନିଷ୍ଠା ଓ କଠିନ ପରିଶ୍ରମ ଫଳ ଦଳ ପାଇଛି। ସାରା ଜୀବନ ସେ ଦଳ ବିଚାରଧାରାକୁ ବଢ଼ାଇବା ଦିଗରେ ସେ ଯେଉଁ କାମ କରିଛନ୍ତି ସେହି କାରଣରୁ ଆଜି ଓଡ଼ିଶାରେ ବିଜେପି ସରକାର ଗଢ଼ି ପାରିଛି। ଓଡ଼ିଶା ରାଜନୀତିରେ ତାଙ୍କର ଯେଉଁପରି ଦଳ ପ୍ରତି ଭଲପାଇବା ଓ କର୍ମୀ ମାନଙ୍କ ପ୍ରତି ଶ୍ରଦ୍ଧା ଓ ରାଜ୍ୟର ବିକାଶ ପାଇଁ ଯେଉଁ ନିଃସ୍ୱାର୍ଥପର ଦୂରଦୃଷ୍ଟିଭାବକୁ ଦେଖି ଏ ଦେଶ, ଏ ଜାତି, ଏ ରାଜ୍ୟ ଗର୍ବ କରୁ। ଯୁବପିଢ଼ୀ ବିଶେଷକରି ରାଜନୀତିକୁ ନୂଆ ଆସୁଥିବା ଯୁବ ବର୍ଗ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୁଅନ୍ତୁ ଏବଂ ଏହି ଆଶା ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେଉ।

*ପୂର୍ବତନ ଡିଏଫଓ, ପଲାଇ,*
*ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ :*
*୯୪୩୭୨୫୭୧୨୩*

# ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳୀ



ସଂସାରରେ ତିନି ପ୍ରକାର ଲୋକ ଥାଆନ୍ତି ଯଥା ନୀଚ ବା ଅଧମ, ମଧ୍ୟମ ଏବଂ ଉତ୍ତମ। କୌଣସି କାର୍ଯ୍ୟ ଆରମ୍ଭ କଲେ କାଳେ କିଛି ବିଘ୍ନ ଘଟିବ ସେଥିପାଇଁ ଅଧମ ବ୍ୟକ୍ତି କୌଣସି କାମ ଆରମ୍ଭ କରନ୍ତି ନାହିଁ। କାମ ନକରିବା ଫଳରେ ସେମାନେ ଦୁଃଖ କଷ୍ଟରେ ଚଳନ୍ତି। ଯେଉଁମାନେ କୌଣସି କାମ କରନ୍ତି କିନ୍ତୁ ବିଘ୍ନ ସୃଷ୍ଟି ହେଲେ ଅଧାରୁ କାମ ଛାଡ଼ି ଦିଅନ୍ତି ସେମାନଙ୍କର ଚେଷ୍ଟା ବିଫଳ ହୁଏ ଧନ ହାନୀ ଘଟେ, ପ୍ରାଣପୀଡ଼ା ହୁଏ। ସେମାନେ ମଧ୍ୟମ ବ୍ୟକ୍ତି। ସଂସାରରେ ଆଉ କେତେକ ଲୋକ ଅଛନ୍ତି ଯେଉଁମାନେ କାମ ଆରମ୍ଭ କରନ୍ତି କାମରେ ବିଘ୍ନ ଜୁଟିଲେ ମଧ୍ୟ ସଫଳତା ଅର୍ଜନ ନକଲା ପର୍ଯ୍ୟନ୍ତ କାମକୁ ଛାଡ଼ି ଯେତେ କାମରେ ବାଧାବିଘ୍ନ ଆସିଲେ ମଧ୍ୟ କାମରେ ସଫଳତା ନ ଆସିବା ପର୍ଯ୍ୟନ୍ତ ସେ ବିରତ ହୁଅନ୍ତି ନାହିଁ। ସେ ହିଁ ଉତ୍ତମ। ଏହିପରି ଉତ୍ତମ ଓ ନୀତିନିଷ୍ଠ ବ୍ୟକ୍ତିମାନେ ହିଁ ଜୀବନରେ ଉନ୍ନତି କରନ୍ତି ଯାହା ସ୍ୱର୍ଗତଃ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଠାରେ ଦେଖାଯାଇଥିଲା। ମଣିଷକୁ ମଣିଷ ବୋଲି ଦେଖି ତାକୁ ଭଲ ପାଇଲେ ଭଗବାନ ସନ୍ତୁଷ୍ଟ ହେବେ। ଅନ୍ୟକୁ ସାହାଯ୍ୟ କରିବା ପାଇଁ ଉପକରଣ, ସାଧନ ଯୋଗାଇ ଦେଲେ ସୃଷ୍ଟି ସୁନ୍ଦର ହେବ, ସୁଖମୟ ହେବ ଏହା ହିଁ ଭଗବାନ ଚାହାଁନ୍ତି। ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଗାଢ଼ ନିଷ୍ଠ ଆତ୍ମବିଶ୍ୱାସ, ସାଧନା, ଅମାୟିକ ବ୍ୟବହାର ଓ ସହିଷ୍ଣୁତାର ପରିଚୟ ଅନ୍ୟ ମାନଙ୍କ ପାଇଁ ଶିକ୍ଷଣୀୟ। ପ୍ରବଳ ପବନରେ ସାଧାରଣ ବୃକ୍ଷଟିଏ ଭାଙ୍ଗି ପଡ଼େ ମାତ୍ର ପାହାଡ଼ କେବେ ବିଚଳିତ ହୁଏନା। ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଭାଷାରେ 'ଗିରିଶିଖେ ଲୟରଖି ଚାଲିବି ମୁକର'କୁ ଆଦର୍ଶ ଭାବି ମନକୁ ଦୃଢ଼ କରି ପ୍ରଖର ସ୍ରୋତରେ ଭାସି ନଯାଇ ସେ କେବଳ ନିଜେ କୂଳରେ ଲାଗି ନାହାଁନ୍ତି ବରଂ ଦଳକୁ ଏପରି ସଫଳତାର କୂଳରେ ଲଗାଇଛନ୍ତି ଯେ ତାହା କଳ୍ପନାର ବାହାରେ।

ଓଡ଼ିଶା ରାଜନୀତିର ଏକ ସ୍ୱତନ୍ତ୍ର କାହାଣୀ ରହିଛି କିମ୍ବଦନ୍ତୀ ରାଜନେତା ବିଜୁ ବାବୁଙ୍କ ପରେ ଦେବେନ୍ଦ୍ର ବାବୁଙ୍କୁ ନେଇ। ନିଜ ଜୀବନକୁ ଉତ୍ସର୍ଗୀକୃତ କରି ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଓ ସୁଦକ୍ଷ ସାଙ୍ଗଠନିକ କାର୍ଯ୍ୟଶୈଳୀ ଦ୍ୱାରା ସମସ୍ତଙ୍କର ପ୍ରିୟ ଭାଜନ ହୋଇଥିବା ଏବଂ ବ୍ୟକ୍ତିଗତ ଭାବେ ଜଣେ ଭଦ୍ର, ନିର୍ମଳ ଓ ଅମାୟିକ ସ୍ୱଭାବର ବ୍ୟକ୍ତି ଦେବେନ୍ଦ୍ର ପ୍ରଧାନ ଏକ ସ୍ୱତନ୍ତ୍ରତା ମଧ୍ୟ ସୃଷ୍ଟି କରିପାରିଛନ୍ତି। ଓଡ଼ିଶାର ରାଜନୀତି କ୍ଷେତ୍ରରେ ଦୁଇଜଣ ରାଜନେତାଙ୍କ ଭାଗ୍ୟରେ ଏକ କ୍ୱଚିତ ସଫଳତା ମିଳିଛି। ଏହି ବିରଳ କ୍ୱଚିତ ସଫଳତା ହେଉଛି ଜଣେ ଥିଲେ ବିଜୁ ବାବୁ ଓ ଅନ୍ୟ ଜଣେ ହେଉଛନ୍ତି ଡାକ୍ତର ଦେବେନ୍ଦ୍ର ପ୍ରଧାନ। ଉଭୟଙ୍କ ଦୁଇ ପିଢ଼ି କେବଳ କେନ୍ଦ୍ର ମନ୍ତ୍ରୀ ହୋଇ ନାହାଁନ୍ତି ଓଡ଼ିଶା ପାଇଁ ଏପରି ପ୍ରଭାବଶାଳୀ ଢ଼ଙ୍ଗରେ କାର୍ଯ୍ୟ କରିଛନ୍ତି ଯାହାର ବିକାଶ ବର୍ତ୍ତମାନ ଜଳ ଜଳ ହୋଇ ଦିଶୁଛି। ଅଣକଂଗ୍ରେସ ଜନତା ପାର୍ଟି ସରକାରରେ କେନ୍ଦ୍ରରେ ବିଜୁ ବାବୁ ମନ୍ତ୍ରୀ ଥିଲେ ଏବଂ ତାଙ୍କ ପରେ ତାଙ୍କ ପୁଅ ନବୀନ ବାବୁ ଠିକ ସେହିଭଳି ଅଣ କଂଗ୍ରେସ ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ଏନଡିଏ ସରକାରେ ମନ୍ତ୍ରୀ ହୋଇଥିଲେ। ଉଭୟ ବିଜୁ ବାବୁ ଓ ନବୀନ ବାବୁ ନିଜ ନିଜ ସମୟରେ କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ। ଠିକ ସେହିପରି ଓଡ଼ିଶାର ଆଉ ଯେଉଁ ଜଣେ ମାତ୍ର ରାଜନୈତିକ ପରିବାରକୁ ସେହି ଉଲ୍ଲେଖନୀୟ ସଫଳତା ମିଳିଥିଲା ତାହା ହେଉଛି ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପରିବାରକୁ ନେଇ।

ତତ୍କାଳୀନ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନଡିଏ ସରକାରରେ ଡାକ୍ତର ଦେବେନ୍ଦ୍ର ପ୍ରଧାନ ଦୁଇଟି ପର୍ଯ୍ୟାୟରେ ଅର୍ଥାତ୍ ୧୯୯୮ ଓ ୨୦୦୧ରେ ମନ୍ତ୍ରୀ ହୋଇଥିଲେ। ଦେବେନ୍ଦ୍ର ବାବୁ ଭୂପୃଷ୍ଠ ପରିବହନ ଓ କୃଷି ରାଷ୍ଟ୍ରମନ୍ତ୍ରୀ ଭାବେ କେନ୍ଦ୍ରରେ ଦାୟିତ୍ୱ ନିର୍ବାହ ସମୟରେ ଓଡ଼ିଶାର ପ୍ରଭୂତ ବିକାଶ ହୋଇଥିଲା। ବିଶେଷକରି ବାଜପେୟୀଙ୍କ ପ୍ରିୟ ପ୍ରକଳ୍ପ କୁହାଯାଉଥିବା ସ୍ୱର୍ଣ୍ଣ ଚର୍ତୁଭୁଜ ଯୋଜନାରେ ଓଡ଼ିଶାରେ ବ୍ୟାପକ ଭାବରେ ଉନ୍ନତ ମାନର ସଡ଼କ ସମ୍ଭବ ହୋଇଥିଲା। ଯାହାର ସୁଫଳ ଏବେ ଯୋଗାଯୋଗ କ୍ଷେତ୍ରରେ ଓଡ଼ିଶା ଭାରତର ଏକ ଅଗ୍ରଣୀ ଓ ପ୍ରମୁଖ ରାଜ୍ୟ। ସେହିପରି କୃଷି କ୍ଷେତ୍ରରେ ଶସ୍ୟ ବୀମା ଠାରୁ ବ୍ୟାଙ୍କରଣ ଓ ଫସଲ ହାନୀ ପାଇଁ କ୍ଷତି ପୂରଣ ତଥା କୃଷିର ଉନ୍ନତି ପାଇଁ ବିଶେଷକରି ଓଡ଼ିଶାର ଚଷା ପୁଅ ପାଇଁ ଅନେକ ବ୍ୟକ୍ତିନିଷ୍ଠ ଯୋଜନା ହାତକୁ ନେଇଥିଲେ ଦେବେନ୍ଦ୍ର ବାବୁ ଏବଂ ପରବର୍ତ୍ତୀ ସମୟରେ ତାଙ୍କ ସୁପୁତ୍ର ତଥା ଓଡ଼ିଶାର ବିଜେପିର ପୋଷ୍ଟର ବୟ କୁହାଯାଉଥିବା, ମୋଦିଜୀ ଓ ଅମିତ ଶାହାଙ୍କର ଅତ୍ୟନ୍ତ ବିଶ୍ୱାସ ଭାଜନ ହୋଇଥିବା କେନ୍ଦ୍ରରେ ଜଣେ ପ୍ରଭାବଶାଳୀ କ୍ୟାବିନେଟ ମନ୍ତ୍ରୀ ଭାବେ ଧର୍ମେନ୍ଦ୍ର ବାବୁ ୨୦୧୪ରୁ ମନ୍ତ୍ରୀ ହୋଇଛନ୍ତି। ମୋଦିଜୀଙ୍କ ପ୍ରଥମ ପାଳିର ମନ୍ତ୍ରୀମଣ୍ଡଳରେ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ଭାବେ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ବିଭାଗ ଏବଂ ପରବର୍ତ୍ତୀ ଦୁଇଟି ପାଳିରେ ପ୍ରଥମେ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ପରେ ଶିକ୍ଷା ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇ ଓଡ଼ିଶାର ପ୍ରଭୂତ ଓ ବ୍ୟାପକ ବିକାଶର ବନ୍ୟା କରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶା ବିଜେପିର ସଙ୍କଟମୋଚକ ଥିଲେ ଦେବେନ୍ଦ୍ର ବାବୁ। ବାସ୍ତବରେ ସେ ଥିଲେ ଓଡ଼ିଶା ବିଜେପିର ବିଶ୍ୱକର୍ମା।

ଓଡ଼ିଶା ରାଜନୀତିରେ ତାଙ୍କର ଯେଉଁପରି ଦଳ ପ୍ରତି ଭଲପାଇବା ଓ କର୍ମୀ ମାନଙ୍କ ପ୍ରତି ଶ୍ରଦ୍ଧା ଓ ରାଜ୍ୟର ବିକାଶ ପାଇଁ ଯେଉଁ ନିଃସ୍ୱାର୍ଥପର ଦୂରଦୃଷ୍ଟିଭାବକୁ ଦେଖି ଏ ଦେଶ, ଏ ଜାତି, ଏ ରାଜ୍ୟ ଗର୍ବ କରୁ। ଯୁବପିଢ଼ୀ ବିଶେଷକରି ରାଜନୀତିକୁ ନୂଆ ଆସୁଥିବା ଯୁବ ବର୍ଗ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୁଅନ୍ତୁ ଏବଂ ଏହି ଆଶା ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେଉ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି
ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର

# ଜନସେବାରେ ଆଲୋକିତ ଏକ ମହାର୍ଘ ଜୀବନ:ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମଣିଷର ଜୀବନ ଅନେ ଅନେକ ଅସରନ୍ତି ସ୍ମୃତି, ଅଭୁଲା କୃତି ଓ ବିସ୍ମୃତିରେ ଭରା। ଜୀବନର ଚଲାବାଟରେ ପଦପାତ କରୁଥିଲାବେଳେ ସେ ଭେଟେ ଅଜସ୍ର ବ୍ୟକ୍ତିତ୍ୱମାନଙ୍କୁ, ଅସଂଖ୍ୟ ଚିହ୍ନା-ଅଚିହ୍ନା ମୁହଁମାନଙ୍କୁ। ପଦଚାରଣ କଲାବେଳେ ଜୀବନର ଯାତ୍ରା ପଥରେ କେଉଁ ଜଣା ଅଜଣା ମୁହଁମାନେ ତାକୁ ଭଲ ଲାଗନ୍ତି, କେହି ହସରେ, ଖୁସିରେ ଚାହିଁ ଦେଇଯାଏ, କିଏ ଆନନ୍ଦରେ ଆଗ୍ରହରେ ପଦେ ଦି'ପଦ କଥା ହୁଏ ତ କିଏ ପୁଣି ମୁହଁ ଫେରେଇ ନିଏ ଏ ବସ୍ତୁବାଦୀ ଦୁନିଆଁରେ। ସମୟର ଅସରନ୍ତି ଛନ୍ଦପତନର ଏହା ହିଁ ବୋଧହୁଏ ଅଲିଖିତ ନିୟମ।

ଯିଏ ଧର୍ମକୁ ଆଶ୍ରୟ କରେ ସିଏ ସତ୍ୟନିଷ୍ଠ ହୁଏ। ଧର୍ମ ମନୁଷ୍ୟକୁ ଶୁଦ୍ଧ ମନୁଷ୍ୟରେ ପରିଣତ କରେ ତା ଭିତରେ ଥିବା କ୍ଷୁଦ୍ରତା ଓ ସଂକୀର୍ଣ୍ଣତାକୁ ଦୂରେଇଦିଏ। ଯିଏ ଅହଂକାରୀ ହୁଏ ଏବଂ ଆପଣାର ନିୟନ୍ତ୍ରିତ ହୋଇ କାର୍ଯ୍ୟ କରେ ସେ ଅନ୍ୟର ଉପକାର କରିପାରେ ନାହିଁ। ଅହଂକାରୀ ବ୍ୟକ୍ତି କହେ ମୁଁ ସବୁର କର୍ତ୍ତା। ଅନ୍ୟର କଲ୍ୟାଣ ବା ପରୋପକାର ଭଗବାନଙ୍କର ବିଚିତ୍ର ଲୀଳା ବା ଇଚ୍ଛା ଅନୁସାରେ ନାନାରୂପ ଧାରଣ କରିଥାଏ। ସେହିପରି ବିନୀତ ଓ ହୃଦୟବାନ ମନୁଷ୍ୟ ପ୍ରତି ଭଗବାନଙ୍କର କରୁଣା ସର୍ବଦା ଥାଏ। ସେଥିପାଇଁ ସେ ଜୀବନର ସବୁ ସ୍ତରରେ ନିଜର ସଫଳ ମଣିଷ ଭାବରେ ନିଜକୁ ପ୍ରମାଣିତ କରିଥାଏ। ଏହି ଭାବ ଧାରଣ କରି ବିଶିଷ୍ଟ ଜନନେତା ସ୍ୱର୍ଗତଃ ଡାକ୍ତର ଦେବେନ୍ଦ୍ର ପ୍ରଧାନ ଓଡ଼ିଶାକୁ ବିଜେପିର ସଫଳତାର ସିଢ଼ିରେ ଶୀର୍ଷରେ ପହଞ୍ଚାଇବାରେ ସକ୍ଷମ ହୋଇଥିଲେ।

ଡାକ୍ତରୀ ପେଷା ପରି ଏକ ଉତ୍ସର୍ଗୀକୃତ ସେବା ଜୀବନର ନିଷ୍ଠାପର ବୃତ୍ତି ସମ୍ପାଦନ ଭିତରେ ରାଜନୀତି ସହ ସମ୍ପୃକ୍ତ ରହିବା ଏବଂ ବେଶ ନିଷ୍ଠାର ସହିତ ଗୋଟିଏ ଦଳକୁ ସଫଳତାର ଶ୍ରେୟରେ ପହଞ୍ଚାଇବାର ନେପଥ୍ୟ ଅବଦାନ ରଖିପାରୁଥିବା କ୍ୱଚିତ ବ୍ୟକ୍ତିତ୍ୱଙ୍କ ଭିତରେ ସ୍ୱର୍ଗତଃ ଡାକ୍ତାର ଦେବେନ୍ଦ୍ର ପ୍ରଧାନଙ୍କ ନାମ ଆସିବ। ୧୯୬୧ ମସିହାରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ କଟକରୁ ଏମବିବିଏସରେ ନାମ ଲେଖାଇ ଥିଲେ ଏବଂ ୧୯୬୬ରେ ଏମବିବିଏସରୁ ଉତ୍ତୀର୍ଣ୍ଣ ହୋଇ ହାଉସ ସର୍ଜନ ଶିକ୍ଷା ଆରମ୍ଭ କରିଥିଲେ। ୧୯୬୭ ମସିହା ସେପ୍ଟେମ୍ବର ମାସରେ ଡାକ୍ତର ଭାବରେ ଡେରାକୋଲିଆରି ହସ୍ପିଟାଲରେ ଯୋଗ ଦେଇଥିଲେ। ୧୯୭୩ ପର୍ଯ୍ୟନ୍ତ ସରକାରୀ ଡାକ୍ତରୀ ଚାକିରୀ କରି ସ୍ୱେଚ୍ଛାକୃତ ଅବସର ନେଇଥିଲେ। ୧୯୮୦ରେ ରାଜନୈତିକ ଜୀବନ ଆରମ୍ଭ କରି ସେହି ବର୍ଷ ଜୁନ ୧୦ ତାରିଖରେ ବିଜେପିରେ ଯୋଗ ଦେଇଥିଲେ। ସାଙ୍ଗଠନିକ ଦକ୍ଷତା ଓ ଜଣେ ଲୋକପ୍ରିୟ ଡାକ୍ତର ହୋଇଥିବାରୁ ଦଳ ତାଙ୍କୁ ବେଶ ଗୁରୁତ୍ୱ ଦେଇଥିଲା। ୧୯୮୪ରେ ପ୍ରଥମ ନିର୍ବାଚନ ଲଢ଼ିଥିଲେ ଦେବଗଡ଼ ଲୋକସଭା ଆସନରୁ। ତେବେ ମାତ୍ର ୩୦ ହଜାର ଭୋଟ ପାଇଥିଲେ ମଧ୍ୟ ତାଙ୍କ ମନୋବଳ କିନ୍ତୁ ଦୃଢ଼ ଥିଲା। ସାଙ୍ଗଠନିକ କାର୍ଯ୍ୟରେ ଦଳ ତାଙ୍କ ଉପରେ ବେଶ ଖୁସି ଥିଲା ଏବଂ ତାଙ୍କୁ ସଭାପତି ପଦ ମଧ୍ୟ ମିଳିଥିଲା। ୧୯୯୬ ନିର୍ବାଚନରେ ଦେବଗଡ଼ରୁ ଲଢ଼ି ୧ଲକ୍ଷ ୭୫ ହଜାର ଭୋଟ ପାଇଥିଲେ ତେବେ ବିଜୟ କିନ୍ତୁ ତାଙ୍କୁ ମିଳିନଥିଲା। ୧୯୯୮ ନିର୍ବାଚନରେ ସେ ପ୍ରଥମ ଥର ଦ୍ୱାଦଶ ଲୋକସଭାକୁ ନିର୍ବାଚିତ ହେଲେ ଓ କେନ୍ଦ୍ରରେ ବାଜପେୟୀ ଜୀଙ୍କ ମନ୍ତ୍ରୀ ମଣ୍ଡଳରେ ମନ୍ତ୍ରୀ ହୋଇଥିଲେ।

ଓଡ଼ିଶା ରାଜନୀତିରେ ତାଙ୍କ ବ୍ୟକ୍ତିତ୍ୱ ଏପରି ଥିଲା ଯେ ସେ ସବୁ ଦଳର ସମସ୍ତ ନେତାଙ୍କ ସହ ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରକ୍ଷା କରିପାରିଥିଲେ। ଓଡ଼ିଶା ବିଜେପିର ପ୍ରମୁଖ ବିନ୍ଧାଣୀ ଓ କହିବାକୁଗଲେ ସେ ହିଁ ମୁଖ୍ୟ ବିଶ୍ୱକର୍ମା କହିଲେ ଅତ୍ୟୁକ୍ତି ହେବନି। ଦଳ ପ୍ରତି ତାଙ୍କ ନିଷ୍ଠା, ଆଦର୍ଶ ଓ ସମର୍ପଣ ଦ୍ୱାରା ଆଜି ରାଜ୍ୟରେ ବିଜେପି ଅଭୂତପୂର୍ବ ସଫଳତା ପାଇଛି। ତାଙ୍କ ଜୀବନଟି ଥିଲା ସମ୍ପୂର୍ଣ୍ଣ ଏକ କର୍ମମୟ ଓ ଦଳ ପ୍ରତି ସମର୍ପିତ ଜୀବନ। ଦଳକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ସହ କର୍ମୀ ମାନଙ୍କୁ ଏକଜୁଟ କରି ଦଳୀୟ ଭାବଧାରାରେ ଉଦବୁଦ୍ଧ କରିପାରୁଥିଲେ। ତାଙ୍କ ଜୀବନ ଜନସେବା ପାଇଁ ସମ୍ପୂର୍ଣ୍ଣ ସମର୍ପିତ ଥିଲା। ସେ କେବଳ ନିଜ ନିର୍ବାଚନ ମଣ୍ଡଳୀରେ ନୁହେଁ ଓଡ଼ିଶା ଓ ଭାରତ ବର୍ଷ ପାଇଁ ଯେଉଁପରି କାର୍ଯ୍ୟ କରିଛନ୍ତି ତାହା ବାସ୍ତବିକ ସ୍ମରଣୀୟ ନିଶ୍ଚୟ। ବିଜେପିକୁ ଓଡ଼ିଶାରେ ଏକ ଶକ୍ତିଶାଳୀ ଓ ସାମର୍ଥ୍ୟବାନ କରି ଗଢ଼ି ତୋଳିବାରେ ତାଙ୍କ ଭୂମିକା ସ୍ମରଣୀୟ। ବାସ୍ତବିକ ତାଙ୍କ ବିୟୋଗ ଏକ ପ୍ରକାର ଯୁଗାବସାନ କହିଲେ ଅତ୍ୟୁକ୍ତି ହେବନାହିଁ। ତୃଣମୂଳ ସ୍ତରରୁ ଯାଇ ଶିଖରରେ ପହଞ୍ଚି ଉତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ଆଜି ବିଜେପି ରାଜ୍ୟରେ ସରକାର କରିବା ପଛରେ ଥିବା ତାଙ୍କର ଅବିଶ୍ରାନ୍ତ ପରିଶ୍ରମ ଓ ନିଷ୍ଠା। କଥାରେ ଅଛି ଯାହାର ଯେମିତି ବୃତ୍ତି ତାଙ୍କର ସେମିତି କୀର୍ତ୍ତି ସ୍ଥାପନ ହୁଏ। ଶେଷରେ ଏହା ସୁକୀର୍ତ୍ତିରେ ପରିଣତ ହୁଏ। ଡାକ୍ତର ପ୍ରଧାନ ଏହାର ଉଦାହରଣ। ପ୍ରଥମେ ଦ୍ୱିତୀୟ ଭଗବାନ କୁହାଯାଉଥିବା ଡାକ୍ତର ବୃତ୍ତିରେ ଲୋକଙ୍କ ସେବା କଲେ। ପରେ ଦଳର କାର୍ଯ୍ୟକର୍ତ୍ତା, ରାଜ୍ୟ ସଭାପତି ଓ କେନ୍ଦ୍ର ପରିବହନ ମନ୍ତ୍ରୀ ଭାବେ କାମ କରି ସେ ବହୁ ସ୍ୱୀକୃତି ପାଇଛନ୍ତି। ସେ ଜଣେ ନିଷ୍ଠାପର ଜନସେବକ ଥିଲେ। ସେଥିପାଇଁ ସେ ସମସ୍ତଙ୍କ ସମ୍ମାନ ଓ ପ୍ରେରଣାର ପ୍ରତୀକ ହୋଇ ରହିଛନ୍ତି। ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ଅମର ଆତ୍ମାର ସଦଗତି ପ୍ରଦାନ କରନ୍ତୁ ଏବଂ ଓଡ଼ିଶାର ଜଣେ ଏପରି କୃତୀ ପୁରୁଷଙ୍କ ପାଇଁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛି। ରକ୍ତ ମାଂସର ଶରୀର ଚିରସ୍ଥାୟୀ ନୁହେଁ। ମାତ୍ର ଜୀବଦଶାରେ ସିଏ ଯାହା ଯାହା କରି ଯାଇଥାଏ ତାହା ଅମ୍ଳାନ ହୋଇ ରହିଥାଏ ଯୁଗ ଯୁଗକୁ। ଚନ୍ଦ୍ର, ସୂର୍ଯ୍ୟ ଥିବା ପର୍ଯ୍ୟନ୍ତ ତାଙ୍କ ତ୍ୟାଗ, ସମର୍ପଣ ଓ ନିଷ୍ଠା ଅମ୍ଳାନ ହୋଇ ରହିଥିବ।

ସହ-ପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ
ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭




# ରାସ୍ତାରେ ହେଲା ପ୍ରସବ; ଶିଶୁପୁତ୍ରର ମୃତ୍ୟୁ ପ୍ରସୂତୀକୁ ମିଳିଲାନି ଚିକିତ୍ସା

## ଟାଟାଷ୍ଟିଲ ଭୁଲିଗଲା ମାନବିକତା



ଯୋଡ଼ା (ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ୯ ୱାର୍ଡ ଗୋପ ହଟିଂ ସ୍ଥିତ ମଙ୍ଗଳାମନ୍ଦିର ନିକଟ ରାସ୍ତାରେ ଜନ୍ମ ହୋଇଛି ଏକ ଶିଶୁପୁତ୍ର । ଭୂମିଷ୍ଠ ହେବା ପରେ ଶିଶୁପୁତ୍ରଟିର ମୃତ୍ୟୁ ହୋଇଯାଇଥିବା ଖବର ହସ୍ତଗସ୍ତ ହୋଇଛି । ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସର୍ବାଧିକ ଖଣି ରାଜସ୍ୱ ଦେଉଥିବା ଖଣି ଉପତ୍ୟକା ଯୋଡା ସହରରେ । ପ୍ରତ୍ୟେକ୍ଷ ସୂତ୍ରରୁ ପ୍ରକାଶ ଯେ ସୋମବାର ରାତ୍ର ପ୍ରାୟ ସାଢେ ୧୦ଟା ସମୟରେ ଜଳହରୀ ପ ାୟତ ଅଧୀନରେ ଆଇଟିସି କଲୋନୀ ନିବାସୀ କପିଳାସ ନାଏକ ତାଙ୍କ ପତ୍ନୀ ସୁକମତୀ ପୂ ି ଏବଂ ତାଙ୍କ ଶାଶୁ ଘାସ ନାଏକ ସୁକୁମତୀଙ୍କୁ ଦୁଇ କାନ୍ଧର ସାହାରାରେ ମଙ୍ଗଳାମନ୍ଦିର ରାସ୍ତା ଦେଇ ସରକାରୀ ଡାକ୍ତରଖାନାକୁ ନେଉଥିବା ବେଳେ ପ୍ରସବ ବେଦନା ସହିନପାରି ସୁକୁମତୀ ରାସ୍ତାରେ ଉପରେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ହେଲେ ଶିଶୁପୁତ୍ରଟିର କିଛିକ୍ଷଣ ପରେ ମୃତ୍ୟୁ ଘଟିଥିଲା । ପ୍ରସବ ବେଦନାର ଚିତ୍କାର ଏବଂ ମୃତ ଶିଶୁପୁତ୍ରର ଦୁଃଖରେ ମ୍ରିୟମାଣ ମୃତ ଶିଶୁର ମା'ଙ୍କର କ୍ରନ୍ଦନ ବସ୍ତିବାସିନ୍ଦାଙ୍କ ନିଦ ହଜାଇ ଦେଇଥିଲା । ଏସମ୍ପର୍କରେ ବିଦ୍ଧିବଦ୍ଧ ଭାବେ ସୁକୁମତୀଙ୍କ ସ୍ୱାମୀ କପିଳାସଙ୍କ ଠାରୁ ଜାଣିବାକୁ ମିଳିଥିଲା ଯେ ସୋମବାର ଅପରାହ୍ନ ୨ଟା ବେଳେ ସେ ଓ ତାଙ୍କ ପରିବାର ସୁକୁମତୀଙ୍କୁ ପ୍ରସବ ପାଇ ଯୋଡା ସ୍ଥିତ ସରକାରୀ ଡାକ୍ତରଖାନାରେ ଭ ି କରିଥିଲେ । ସେଠାରେ ତାଙ୍କର ଅବସ୍ଥା ଜଟିଳ ଥିବାରୁ ତାଙ୍କୁ ଡାକ୍ତରଖାନା ପକ୍ଷରୁ କେନ୍ଦୁଝର କିମ୍ବା ଚମ୍ପୁଆ ନେବା ପାଇଁ କୁହାଯାଇଥିଲେ ହେଁ ସମ୍ବଳ ଅଭାବରୁ ସେ ଟାଟା କମ୍ପାନୀ ଡାକ୍ତରଖାନାକୁ ନେଇଯାଇଥିଲେ । ସେଠାରେ ତାଙ୍କୁ ଚିକିତ୍ସା କରାଯିବା ପରିବର୍ତ୍ତେ କେବଳ କୋଭିଡ ଟେଷ୍ଟ କରାଇ କୌଣସି ରିପୋର୍ଟ ନଦେଇ ତାଙ୍କୁ ପୁନଃ ସରକାରୀ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା । ସେଠାରୁ ସରକାରୀ ଡାକ୍ତରଖାନାକୁ ଆସିବା ପାଇଁ କୌଣସି ଗାଡି କିମ୍ବା ଆମ୍ବୁଲାନ୍ସର ସୁବିଧା ନମିଳିବାରୁ ଶେଷରେ ସୁକୁମତୀ ପୂ ିଙ୍କ ସ୍ୱାମୀ ଓ ଶାଶୁ ଦୁଇ କାନ୍ଧରେ ଆଶ୍ରା କରି ପାଦରେ ଚାଲି ଚାଲି ମଙ୍ଗଳାମନ୍ଦିର ଦେଇ ରାସ୍ତା ଅତିକ୍ରମ କରୁଥିବା ବେଳେ ଗର୍ଭବତୀ ମହିଳା ସୁକୁମତୀଙ୍କ ରାସ୍ତାରେ ପ୍ରାୟ ରାତ୍ର ୧୧ଟା ବେଳେ ସନ୍ତାନ ପ୍ରସବ ହୋଇଯାଇଥିଲା । ଶିଶୁପୁତ୍ରଟିର ଜନ୍ମ ହେବାର କିଛି ସମୟ ପରେ ମୃତ୍ୟୁ ହୋଇଯାଇଥିଲା । କ୍ରନ୍ଦନ ଏବଂ ଚିତ୍କାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଆସି ଦେଖିବା ପରେ ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ । କାରଣ ଶିଶୁପୁତ୍ର ଜନ୍ମ ହେବା ପରେ ଶିଶୁପୁତ୍ରଟିର ନାଭି ମା' ସହିତ ସଂଯୋଗ ହୋଇ ରହିଥିଲା । ମାଙ୍କର ଜୀବନ ପ୍ରତି ବିପଦ ଥିବାରୁ ତୁରନ୍ତ ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସକୁ ଖବର ଦେବା ସହିତ ଟାଟାକମ୍ପାନୀ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଫୋନ ଯୋଗେ ଜଣାଇଥିଲେ । ତେବେ ବଡବିଲରୁ ୧୦୮ ଆମ୍ବୁଲାନ୍ସଟି ପହ ି ସୁକୁମତୀଙ୍କୁ ମୃତ ଶିଶୁପୁତ୍ର ସହ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଭ ି କରିଥିଲେ । ଏହି ଘଟଣା ପ୍ରଘଟ ହେବା ପରେ ଜନସାଧାରଣଙ୍କ ମନରେ ଘରୋଇ ଡାକ୍ତରଖାନା ପ୍ରତି ପ୍ରବଳ ଆକ୍ରୋଶ ଦେଖାଯାଇଥିଲା । ଯୋଡା ବିକାଶ ପରିଷଦ ପକ୍ଷରୁ ସଭାପତି ନିରଞ୍ଜନ ବହିଦାର କ୍ଷୋଭର ସହ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ ଟାଟା ଖଣି ଖାଇ ପାଣି ଖାଇଲା ହେଲେ ପ୍ରଭାବିତ ଲୋକଙ୍କର ସେବାକୁ ନିଜର ଦାୟିତ୍ୱ ବଦଳରେ ଦୟା ବୋଲି ଭାବିଲା । ଏସମ୍ପର୍କରେ ଟାଟା କମ୍ପାନୀ ଡାକ୍ତରଖାନା ମୁଖ୍ୟ ଚିକିତ୍ସାଧିକାରୀ ଏମ.କେ.ତ୍ରିପାଠୀ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ ମହିଳା ଜଣକ ଚିକିତ୍ସା ନିମନ୍ତେ ଏଠାକୁ ଆସିଥିବା ସେ ଜାଣିଛନ୍ତି । ଏବଂ ତାଙ୍କର କୋଭିଡ ଟେଷ୍ଟ ମଧ୍ୟ କରାହେବା ପରେ କରୋନା ପଜିଟିଭ ରିପୋର୍ଟ ଜଣାପଡିଛି । ରୋଗୀ ଏଠାରୁ ଚାଲିଯିବା ସମ୍ପର୍କରେ ସେ ତଦନ୍ତ କରିବେ । ତଦନ୍ତ ପରେ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ ବୋଲି ସେ କହିଥିଲେ । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଟାଟାଷ୍ଟିଲ ଡାକ୍ତରଖାନା ପରିସର ମଧ୍ୟରେ କୋଭିଡ ଡାକ୍ତରଖାନା ଥିବା ସ ୍େ କିପରି ମହିଳାଙ୍କୁ ଚିକିତ୍ସା କରାନଯାଇ କିପରି ଦାୟିତ୍ୱହୀନ ଭାବେ ପଠାଇ ଦିଆଗଲା ଓ ଆମ୍ବୁଲାନ୍ସଟିଏ ମଧ୍ୟ ତାଙ୍କୁ ଦିଆଗଲା ନାହିଁ ଏହା ଜନସାଧାରଣଙ୍କ ପ୍ରଶ୍ନ । ତେଣେ ସରକାରୀ ଡାକ୍ତରଖାନାରୁ ପ୍ରସବ ଚିକିତ୍ସା ହେବା ପରେ ମହିଳା ଓ ତାଙ୍କ ପରିବାର ଜଳହରୀ ସ୍ଥିତ ଆଇଟିସି ଗ୍ରାମକୁ ଚାଲି ଯାଇଛନ୍ତି । ଯାହାକୁ ସଂକ୍ରମଣର ଆଶଙ୍କାକୁ ବଢାଇ ଦେଇଛି । ଏନେଇ ଟାଟା କମ୍ପାନୀ କର୍ପୋରେଟ କମ୍ୟୁନିକେଶନର ଅଧିକାରୀ ଆଶିଷ ଆଚାର୍ଯ୍ୟ ପ୍ରେସ ବିବୃ ି ଦେଇ ସୂଚନା ଦେଇଛନ୍ତି ଯେ ସୁକୁମତୀ ପୂ ିଙ୍କୁ ଅକ୍ଟୋବର ୫ ତାରିଖ ରାତି ପ୍ରାୟ ୮.୪୦ ମିନିଟରେ ଟାଟାଷ୍ଟିଲ ହସ୍ପିଟାଲକୁ ଅଣାଯାଇଥିଲା । ହସ୍ପିଟାଲରେ ୨ଜଣ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ବିଶେଷଜ୍ଞ ଅଛନ୍ତି । ଜଣେ ଡାକ୍ତର ସଙ୍ଗରୋଧରେ ଥିବାରୁ ସେ ରୋଗୀଙ୍କୁ ଦେଖି ପାରିବେ ନାହିଁ । ଦ୍ୱିତୀୟ ଡାକ୍ତର କୋଭିଡରୁ ଏବେ ସୁସ୍ଥ ହୋଇଛନ୍ତି ଓ ସେହି ସମୟରେ ସେ ଅସୁସ୍ଥତା ଅନୁଭବ କରିବାରୁ ଡାକ୍ତରଖାନାକୁ ଆସିପାରିନଥିଲେ । ଏପରିସ୍ଥିତିରେ ରୋଗୀଙ୍କୁ ଏଠାରେ ଭ ି କରିବା ସମ୍ଭବପର ନଥିବାରୁ ନିକଟସ୍ଥ ହସ୍ପିଟାଲକୁ ନେବା ପାଇଁ ପରାମର୍ଶ ଦିଆଯାଇଥିଲା ।

## ଭୁବନ ସିଏଚସିରେ ୬୧ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି ।

# ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୂପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ । କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୂପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି । ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି । କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି । ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

# ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଟସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ-୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ । ପରବର୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଟସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୂକ୍ତ କରାଗଲା । ଏହି ର୍‍ୟାକେଟ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଳିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି ।

## ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ôଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି । ଭାରତ ବର୍ଷ ମଧ ଏଥିରୁ ବାଦ୍ ପଡିନାହିଁ । ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି । ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି । ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି । ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍‌ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ôଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି । ପାର୍ଟିର ଜିଲ୍ଲା କମିଟି ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସେକ୍ କାସିମ, ସେକ୍ ମନଓ୍ୱର, ସେକ୍ ସିକ୍‌ରୁ, ଗେଜ ମୁଣ୍ଡା, ମ ୁ ମୁଣ୍ଡା, ସେକ୍ ହାଦିକ, ସନାତନ ଦାସ, ସନ୍ତୋଷ ରାଉତ, ସେକ୍ କମର, ସେକ୍ ଅବଦୁଲ ରହେମାନ, ଜଗନ୍ନାଥ ରାଓ, ରାଜୁ ରାଓ, ମେହେମୁଦ୍ ପ୍ରମୁଖ ବିକ୍ଷୋଭ ସଭାରେ ସାମିଲ ହୋଇଥିଲେ ।

# କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି । ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅ ଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି । ତେବେ କେତେକ ମୃଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି । ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅ ଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା । ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପ ାୟତ ସମେତ ମଲଦା,ପୁଲଝରେ,କୁମ୍ଭି,ଶୁଆକାଟୀ,ବାଂଶପାଳ ଆଦି ପ ାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ । ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା । ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ôଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ । ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୁଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା । ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଅନେକ ସମୟରେ ମିଥ୍ୟା ଓ ଭି ିହୀନ ଅଭିଯୋଗ କରି କାରଖାନା କ ୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉ େଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି । ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲା କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି । କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅ ଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ôଥିକ ସ୍ଥିତି ଦୋହଲିଯିବ । ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି । ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ।

# ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ବୃକ୍ଷରୋପଣ,ଦିବ୍ୟାଙ୍ଗଙ୍କୁ ଉପକରଣ ବର୍ଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବର୍ଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଆଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ ପର୍ଯ୍ୟବେକ୍ଷକ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
Bhubaneswar Thursday March 27 ଭୁବନେଶ୍ୱର ଗୁରୁବାର, ମାର୍ଚ୍ଚ ୨୭, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ହୃଷୀକେଶ ମଲ୍ଲିକ ଜଣେ ପ୍ରଜ୍ଞାଦୀପ୍ତ କବି : ଅଶୋକ ବାଜପେୟୀ

## ୱାର୍ଲଡ ଓଡ଼ିଶା ସୋସାଇଟି ପକ୍ଷରୁ ହୃଷୀକେଶ କବିତା ସନ୍ଧ୍ୟା ଆୟୋଜନ

ନୂଆଦିଲ୍ଲୀ,(ପି.ଏନ); ୱାର୍ଲଡ ଓଡ଼ିଶା ସୋସାଇଟି ( ୱାଓସୋ) ପକ୍ଷରୁ ଏଠାରେ ହୃଷୀକେଶ କବିତା ସନ୍ଧ୍ୟା ମହା ସମାରୋହରେ ଆୟୋଜନ କରାଯାଇଛି । ପ୍ରଖ୍ୟାତ କବି ହୃଷୀକେଶ ମଲ୍ଲିକଙ୍କର ସାହିତ୍ୟ ସାଧନାକୁ ଶ୍ରଦ୍ଧା, ସ୍ୱୀକୃତି ଓ ସମ୍ମାନ ପ୍ରଦର୍ଶନ କରିବା ପାଇଁ ଉଦ୍ଦିଷ୍ଟ ଏହି ସାରସ୍ୱତ ଆସର ବେଶ ରୋଚକ ଥିବା ଦେଖା ଯାଇଥିଲା । ଓଡ଼ିଆ ଭାଷାରେ ଚାଳିଶଟିରୁ ଉର୍ଦ୍ଧ୍ୱ ପୁସ୍ତକର ମହାନ ରଚୟିତା ଶ୍ରୀ ମଲ୍ଲିକଙ୍କର ନିର୍ବାଚିତ କବିତା ଗୁଡିକୁ ଇଂରାଜୀ, ହିନ୍ଦୀ, ବଙ୍ଗଳା ଏବଂ କନ୍ନଡ଼ ଭାଷାରେ ଅନୁବାଦ କରାଯାଇଛି । ହାଇବ୍ରିଡ ଢଙ୍ଗରେ ଅନୁଷ୍ଠିତ ଏହି କବିତା ସନ୍ଧ୍ୟାରେ ବହୁ ବିଶିଷ୍ଟ ସାହିତ୍ୟିକ,ୱାଓସୋର କାର୍ଯ୍ୟକର୍ତ୍ତା ଓ ସଦସ୍ୟ ଗଣ ବିଭିନ୍ନ ରାଷ୍ଟ୍ରର ଓଡ଼ିଆ ସମାଜର କର୍ମକର୍ତ୍ତା ଏବଂ ତୁଙ୍ଗ ପ୍ରବାସୀ ଓଡ଼ିଆମାନେ ଯୋଗ ଦେଇଥିଲେ । ପ୍ରେସ କ୍ଲବ ଅଫ ଇଣ୍ଡିଆଠାରେ ଅନୁଷ୍ଠିତ ମୁଖ୍ୟ ଉତ୍ସବରେ ଆମନ୍ତ୍ରିତ ଅତିଥି ଓ ବକ୍ତାମାନେ ଯୋଗ ଦେଇଥିବା ବେଳେ ,ଡିଜିଟାଲ ନେଟୱାର୍କ ମାଧ୍ୟମରେ ଶତାଧିକ ବୈଶିକ ଓଡ଼ିଆ ଏହି ସମାରୋହରେ ସାମିଲ ହୋଇଥିବା ଜଣାଯାଇଥିଲା । ଉତ୍ସବର ଗାମ୍ଭୀର୍ଯ୍ୟକୁ ଲକ୍ଷ୍ୟ ରଖି ପ୍ରେସ କ୍ଲବର କନ୍ଫରେନ୍ସ ରୁମକୁ ଖୁବ ସୁନ୍ଦର ଭାବରେ ସଜାଯାଇଥିଲା । ସମଗ୍ର ପରିବେଶ ଉତ୍ସବ ମୁଖରିତ ହେବା ସାଙ୍ଗକୁ ଆନନ୍ଦ, ଉଲ୍ଲାସ, ଉତ୍ସାହ ଏବଂ ଉଦ୍ଦୀପନାରେ ଭରିଉଠିଥିଲା ।ସଭାରେ ସ୍ୱାଗତ ଭାଷଣ ପ୍ରଦାନ କରି ୱାର୍ଲଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ସାହିତ୍ୟ ଦୁନିଆରେ ୱାଓସୋର ଉପସ୍ଥିତିକୁ ସୁଦୃଢ ଓ ସୁବ୍ୟାପ୍ତ କରିବା ପାଇଁ ସମସ୍ତଙ୍କର ସଦିଚ୍ଛା ଓ ସହଯୋଗ କାମନା କରିଥିଲେ । ସମାବେଶକୁ



ସମ୍ବୋଧନ କରି ମୁଖ୍ୟ ଅତିଥି ବିଖ୍ୟାତ କବି ଅଶୋକ ବାଜପେୟୀ, ହୃଷୀକେଶ ମଲ୍ଲିକ ଜଣେ ଦୂରଦୃଷ୍ଟି ସମ୍ପନ୍ନ, ବିସ୍ତୃତ ଦିଗନ୍ତର କବି, ଯାହାଙ୍କର ମନୋଯୋଗ କବିତାରେ ସଦା ଜାଗ୍ରତ ଥାଏ । ତାଙ୍କର କବିତା ସୃଷ୍ଟିରେ ଆଖପାଖର ଚିହ୍ନା ମଣିଷ ଓ କାଳ୍ପନିକ ଚରିତ୍ରମାନେ ଖୁବ ନିକଟରୁ ଧରା ଦିଅନ୍ତି । ଭାରତୀୟ କବିତା ଜଗତରେ ଶ୍ରୀ ମଲ୍ଲିକ ଜଣେ ପ୍ରଜ୍ଞାଦୀପ୍ତ, କଳାତ୍ମକ ସାମର୍ଥ୍ୟରେ ପରିପୂର୍ଣ୍ଣ ,ଗଭୀର ଅନ୍ତର୍ବୋଧର କବି ବୋଲି ଶ୍ରୀ ବାଜପେୟୀ ଦର୍ଶାଇଥିଲେ । ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପୂର୍ବତନ ପ୍ରାଧ୍ୟାପକ ସୁମନ୍ୟୁ ଶତପଥୀ, ଜୱାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗର ପ୍ରାଧ୍ୟାପକ ଦେବେନ୍ଦ୍ର ଚୌବେ, ଓଡ଼ିଆ ଶିକ୍ଷା ବିଭାଗ ଚେୟାରର ପ୍ରଫେସର ଉଦୟନାଥ ସାହୁ, ପ୍ରସିଦ୍ଧ କୁଟନୀତିଜ୍ଞ ଓ କବି ଅମରେନ୍ଦ୍ର ଖଟୁଆ, ସ୍ୱନାମଧନ୍ୟ କବୟତ୍ରୀ ମନ୍ଦିରା ଘୋଷ ପ୍ରମୁଖ ହୃଷୀକେଶ ମଲ୍ଲିକଙ୍କର ସୃଜନଶୀଳତାର ଶ୍ରେଷ୍ଠତା ଓ ସ୍ୱାତନ୍ତ୍ରତାର ଭୂୟସୀ ପ୍ରଶଂସା କରିଥିଲେ । ଯଶୋଧାରା ମିଶ୍ର, ଲୀଳାଧର ମାଣ୍ଡଲୋଇ, ଶିବମ ସିଂ, ପ୍ରାଣଜୀ ବାସକ, ପିଜୁସ ବିଶ୍ୱାସ ଓ ସୁଜାତା ଚୌଧୁରୀ ପ୍ରମୁଖ ପ୍ରତିଷ୍ଠିତ ଓ ପ୍ରତିଭାବାନ କବି ତଥା କବୟତ୍ରୀମାନେ ଶ୍ରୀ ମଲ୍ଲିକଙ୍କର ଓଡ଼ିଆ ଭାଷାରେ ଲିଖିତ ଏବଂ ଇଂରାଜୀ, ହିନ୍ଦୀ ଓ ବଙ୍ଗଳା ଭାଷାରେ ଅନୂଦିତ କବିତାଗୁଡ଼ିକ ବେଶ ପ୍ରାଞ୍ଜଳ ଓ ପାରଦର୍ଶିତାର ସହିତ ଆବୃତ୍ତି କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । କବିତା ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସ୍ୱନାମଧନ୍ୟ କବି ହୃଷୀକେଶ ମଲ୍ଲିକ, ତାଙ୍କର ଭାଷଣରେ ଆଜିର କବି ପେଣ୍ଡୁ ଉପରେ ଖେଳ ଦେଖାଉଥିବା ସର୍କସର କଳାକାର ସଦୃଶ ବୋଲି କହିଥିଲେ । ଅସ୍ଥିରତାର ଭୂମି ଉପରେ ସେ ବାସ୍ତବର ଯାଦୁ ଦେଖାଇଥାଏ ବୋଲି ଶ୍ରୀ ମଲ୍ଲିକ ଦର୍ଶାଇଥିଲେ । ମୋ କବିତାର ଗୁରୁ ସେଇ ପଢ଼ ?ଶୀ ଯିଏକି ସକାଳୁ ସଞ୍ଜ ମୁଠେ ଭାତ ଓ ଟିକେ ଖୁସି ପାଇଁ ବ୍ୟବସ୍ଥା ସହିତ ନିୟମିତ ଭାବେ ଲଢେଇ କରିଥାଏ ବୋଲି ଡଃ ମଲ୍ଲିକ ଅବତାରଣା କରିଥିଲେ ।ସମଗ୍ର କାର୍ଯ୍ୟକ୍ରମକୁ ସୁଦକ୍ଷ ଉପସ୍ଥାପିକା ପ୍ରତିମା ଶର୍ମା ସୂତ୍ରଧାରୁ ରୂପେ ସଞ୍ଚାଳନା କରିଥିଲେ । ନନ୍ଦନ ଦ୍ୱିବେଦୀ ଓ ଅଙ୍କିତ ମୌର୍ଯ୍ୟ ଡିଜିଟାଲ କକ୍ଷକୁ ଦକ୍ଷତାର ସହିତ ନିୟନ୍ତ୍ରଣ କରିଥିଲେ । ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ନୋଏଡ଼ା ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ମନୋରଞ୍ଜନ ମହାନ୍ତି, ଆଇନଜୀବୀ ବିରଜା ମହାପାତ୍ର, ସୁରେନ୍ଦ୍ର କୁମାର ପତ୍ରୀ, ସସ୍ମିତା ତ୍ରିପାଠୀ, ଓଡ଼ିଶା କଣ୍ଟ୍ରୋଲ ଦୋକାନୀ ସଙ୍ଘର ସଭାପତି ନଗେନ୍ଦ୍ର ଜେନା, ଗଜେନ୍ଦ୍ର ସାହୁ, ଚକ୍ରପାଣି ପରିଡ଼ା, ଅର୍ଚ୍ଚନା ପରିଡ଼ା, ସୁରଞ୍ଜିତା ରଣା ଦାଶ, ଡଃ. ପ୍ରକାଶ କୁମାର, କଳ୍ପନା ପଟ୍ଟନାୟକ, ସହସ୍ରାଂଶୁ ମହାପାତ୍ର ସୌମ୍ୟ ରଞ୍ଜନ ସାହୁ ଓ ଦେବସ୍ମିତା ମହାନ୍ତି ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।ଉତ୍ସବର ସ୍ୱତନ୍ତ୍ର ଆକର୍ଷଣ ଚାଟାର୍ଡ ଏକାଉଣ୍ଟାଣ୍ଟ ସୁଧୀର ଦାଶ ଏବଂ ସାଥୀ କଳାକାରମାନଙ୍କ ଦ୍ୱାରା ପରିବେଷିତ ସୁମଧୁର ଓ ସୁଲଳିତ ସଙ୍ଗୀତ ଥିଲା । ହୃଷୀକେଶ କବିତା ସନ୍ଧ୍ୟାକୁ ଭବ୍ୟ ଢଙ୍ଗରେ ଆୟୋଜନ ଏବଂ ସମାପନ କରିବାରେ ୱାଓସୋର କର୍ମକର୍ତ୍ତା ଯଥା:- ମହିଳା ଶାଖାର ଉପ-ସଭାପତି ରୀତା ପାତ୍ର, ସାଧାରଣ ସମ୍ପାଦିକା ଦ୍ୱୟ ପୁଷ୍ପାଞ୍ଜଳି ବାରିକ, କାବେରୀ ବେହେରା, ନୂଆଦିଲ୍ଲୀ ଓ ଜାତୀୟ ରାଜଧାନୀ କ୍ଷେତ୍ର ଶାଖାର ସଭାପତି ବିମଳ ଭଲ ଏବଂ ସାଧାରଣ ସମ୍ପାଦକ ଜ୍ଞାନ ପ୍ରକାଶ ଜେନା ପ୍ରମୁଖ ଖୁବ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ।

## ଝିଅ ଦେଖି ଫେରିବା ବାଟରେ ମର୍ମନ୍ତୁଦ ଦୁର୍ଘଟଣା, ଦୁଇ ମୃତ, ତିନି ଗୁରୁତର

ଥକଲମପୁର ,(ପି.ଏନ): କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଅନ୍ତର୍ଗତ ଠୋଲକୋମୁଣ୍ଡା ଠାରେ କାର ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ତିନି ଜଣ ଗୁରୁତର ହୋଇଛନ୍ତି, ସୂଚନା ଅନୁସାରେ ଜୟପାଟଣା ବ୍ଲକ ରେଙ୍ଗାଲପାଲି ଗ୍ରାମର ବଳଦେବ ରାଉତଙ୍କ ପରିବାରର ୧୧ଜଣ ସଦସ୍ୟ ଝିଅ ଦେଖା କରିବା ପାଇଁ ଏକ କାର ଯୋଗେ କଲମପୁର ବ୍ଲକ ଅନ୍ତର୍ଗତ ନୂଆଗାଁ କୁ ଆସିଥିଲେ,ଫେରିବା ବାଟରେ ଠେଲକୋମୁଣ୍ଡା ବାମ କେନାଲ ଠାରେ ଏକ ବାଇକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା, ଆହତଙ୍କୁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ କଲମପୁର ଥାନା ଅଧିକାରୀ ନୀଳାମ୍ବର ଜାନୀ ଘଟଣା ସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ସହିତ ତଦନ୍ତ ଆରମ୍ଭ କରିଥିଲେ, ଏଥିରେ ତିନି ଜଣ ଗୁରୁତର ହୋଇଥିବା ବେଳେ ବଳଦେବ ରାଉତ (୮୨) ଓ ଜଣେ ୫ବର୍ଷର ଶିଶୁ ପୁତ୍ର ମୃତ୍ୟୁ ବରଣ କରିଛନ୍ତି ।

## ପାରାଦୀପ ରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ଼ଃ. ଦେବେନ୍ଦ୍ର ପ୍ରଧାନ ଙ୍କ ଶ୍ରଦ୍ଧାଞ୍ଜଳି ସଭା




ପାରାଦୀପ,(ପି.ଏନ) ରାଜ୍ୟ ବିଜେପି ର ପ୍ରଥମ ସଭାପତି ତଥାପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ଼ଃ. ଦେବେନ୍ଦ୍ର ପ୍ରଧାନ ଙ୍କ ବିୟୋଗରେ ସାରା ରାଜ୍ୟରେ ତାଙ୍କର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେଉଅଛି । ଏହି ପରିପ୍ରେକ୍ଷୀରେ ପାରାଦୀପ ସ୍ଥିତ ଅଟଳ ବିହାରୀ ବାଜପାୟୀ ଟ୍ରଷ୍ଟ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଏକ ସ୍ମୃତି ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟ ର ଅଧ୍ୟକ୍ଷ ଅଜିତ କୁମାର ଦାସ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସମାଜର ବିଭିନ୍ନ ବର୍ଗର ଲୋକ ଯୋଗଦେଇ ମହାନ ନେତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଙ୍କ ସମେତ ଟ୍ରଷ୍ଟ ର ଉପାଧ୍ୟକ୍ଷ ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ପାରାଦୀପ ସଖାର ବରିଷ୍ଠ କାର୍ଯ୍ୟକର୍ତ୍ତା ଶ୍ରୀଚରଣ ବିଶ୍ୱାଳ, ଟ୍ରଷ୍ଟ ର ସମ୍ପାଦକ ତଥା ସାମ୍ବାଦିକ ସଞ୍ଜୀବ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ଗୋରାଚାନ୍ଦ ସିଂ ଓ କୈଳାସ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଧାନ ଙ୍କ ସ୍ମୃତି ଚାରଣ କରିଥିଲେ ।

## ଡ଼ଃ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ମଧ୍ୟପ୍ରଦେଶ ଓ ଉତ୍ତର ପ୍ରଦେଶ ମନ୍ତ୍ରୀ

ତାଳଚେର ,(ପି.ଏନ):ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ପ୍ରାକ୍ତନ ବିଜେପି ରାଜ୍ୟ ସଭାପତି ଓଡ଼ିଶା ବିଜେପି ର ପ୍ରାଣ ପ୍ରତିଷ୍ଠାତା ଡ଼ଃ ଦେବେନ୍ଦ୍ର ପ୍ରଧାନ ଙ୍କର ବିୟୋଗରେ ସମଗ୍ର ଦେଶରୁ ବିଭିନ୍ନ ଅଂଚଳ ରୁ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ,ସାଂସଦ,ବିଧାୟକ,ପ୍ରାକ୍ତନ ମନ୍ତ୍ରୀ, ବିଧାୟକ, ସାଂସଦ, ବିଜେପି ସାଙ୍ଗଠନିକ ନେତୃତ୍ୱ,ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତି,ବିଭିନ୍ନ ସଂଗଠନ ର ବିଶିଷ୍ଟ ବ୍ୟକ୍ତି, ବିଭିନ୍ନ ରାଜ୍ୟ ଓ କେନ୍ଦ୍ରର ପ୍ରଶାସନିକ ଅଧିକାରୀ ତାଳଚେର ଆସି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି । ଆଜି ବୁଧବାର ସନ୍ଧ୍ୟାରେ କେନ୍ଦ୍ର ରେଳ ବିଭାଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ମଧ୍ୟ ପ୍ରଦେଶ ଶକ୍ତି ମନ୍ତ୍ରୀ ରାକେଶ ଶୁକ୍ଳା, ଉତ୍ତର ପ୍ରଦେଶ ସୋସିଆଲ ସିକୁରିଟି ମନ୍ତ୍ରୀ ସଂଜୁ ସିଂହ ଗଣ୍ଡ,



ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ରାମ କୃପାଲ ଯାଦବ, ସୁଦର୍ଶନ ଟିଭି ର ଏଡିଟର ସୁରେଶ ଚାବାଙ୍କ,ଉତ୍ତରପ୍ରଦେଶ ବିଜେପି ରାଜ୍ୟ ସାଧାରଣ ସମ୍ପାଦକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଳଚେରେ ଆସି ଡ଼ଃ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କର ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ ।

## ଓଡିଶାକୁ ବିଶ୍ୱ ବିଖ୍ୟାତ କରିବାକୁ ହେଲେ, ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ

ଦିଲ୍ଲୀ (ପି.ଏନ) : ଭାରତକୁ ସବୁ କ୍ଷେତ୍ର ରେ ଓଡିଶା ର ଅବଦାନ ଅତୁଳନୀୟ କ୍ଷ ପ୍ରାକୃତିକ ସମ୍ପଦ, ପର୍ଯ୍ୟଟନ ସ୍ଥଳୀ, ଜଙ୍ଗଲ ଓ ଖଣିଜ ସମ୍ପଦ ସହ ମାନବ ସମ୍ବଳ ରେ ଭରପୁର ଓଡିଶା ରାଜ୍ୟ ନିଜ ସଂସ୍କୃତି ଓ ପରମ୍ପରା, ପ୍ରଭୁ ଶ୍ରୀ ଜଗନ୍ନାଥ ଓ କୋଣାର୍କ ନିମନ୍ତେ କେବଳ ଭାରତ ନୁହେଁ ବିଶ୍ୱ ରେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚିତ ସୃଷ୍ଟି କରପାରିଛି । ହେଲେ ଉପଯୁକ୍ତ ନେତୃତ୍ୱ ଅଭାବ, ମାଟି ଓ ମାତୃଭାଷା ପ୍ରତି ଅବହେଳା, ସମସ୍ତଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଓ ସଚେତନତା ଅଭାବରୁ ରାଜ୍ୟ ର ଯଥା ଶକ୍ତି ବିକାଶ ହୋଇପାରିନାହିଁ କ୍ଷ ଶିକ୍ଷା ସ୍ୱାସ୍ଥ୍ୟ ର ମାନ ବୃଦ୍ଧି ସହ, ପର୍ଯ୍ୟଟନ କ୍ଷେତ୍ର ର ବିକାଶ ଓ ଶିଳ୍ପାୟନ ର ବୃଦ୍ଧି ଦ୍ୱାରା ରାଜ୍ୟ ର ଅର୍ଥ ନିତୀ ର ବିକାଶ ହୋଇପାରିବ । ଯାହା ଫଳରେ ଓଡ଼ିଆ ଲୋକ ନିଜ ରାଜ୍ୟରେ ରୋଜଗାରକ୍ଷମ ହୋଇପାରିବେ । ଦିଲ୍ଲୀ ରେ ବହୁ ଓଡ଼ିଆ ବସବାସ କରୁଥିବାରୁ ଏଠାରେ ଏକ ଓଡ଼ିଆ ସ୍କୁଲ ପ୍ରତିଷ୍ଠା ସହ ଏକ ସାଂସ୍କୃତିକ ମଣ୍ଡପ ନିର୍ମାଣ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା କ୍ଷଦୀର୍ଘବର୍ଷ ଧରି



ଓଡିଶା ର ସ୍ୱାଭିମାନ ଓ ଅସ୍ମିତା ନିମନ୍ତେ କାର୍ଯ୍ୟକରୀ ଆସୁଥିବା ସୁନାମ ଧନ୍ୟ ଓଡ଼ିଆ ସଂଗଠନ ଅନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ତରଫରୁ ନୂଆଦିଲ୍ଲୀ ଗାନ୍ଧୀ ପିସ ଫାଉଣ୍ଡେସନ ଠାରେ ପ୍ରତିଷ୍ଠାନ ର ସଭାପତି ବିଶିଷ୍ଟ ସଂଗଠକ ତଥା ସମାଜସେବି ଶ୍ରୀ ସୁଶାନ୍ତ କୁମାର ସାବତଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ 'ଭିଜନ ଓଡିଶା ୨୦୩୬' ଆଲୋଚନା ରେ ବହୁ ବିଶିଷ୍ଟ ସଂଗଠକ ମାନେ ମାତବ୍ୟକ୍ତ କରିଥିଲେ ।ପୂର୍ବତନ କୁଳପତି ପ୍ରଫେସର ବି ସି ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ତଥା ୱାର୍ଲଡ ଓଡ଼ିଆ ସୋସାଇଟି ର ସଭାପତି ଶ୍ରୀ କିଶୋର ଦିବେଦି, ସମାଜ ସେବିକା ଶ୍ରୀମତୀ ରିତା ପାତ୍ର, ପରିବେଶବିତ୍ତ ଡ଼ ବିନୋଦ ସାବତ, ଶ୍ରୀ ଦେବେନ୍ଦ୍ର ରାଉତ,ଶିକ୍ଷବିତ ଶ୍ରୀ ପ୍ରଭାସ ରାଜ ପାଣିଗ୍ରାହୀ ପ୍ରମୁଖ ଆଲୋଚକ ଭାବେ ଯୋଗଦେଇ ଓଡିଶା ଓ ଓଡ଼ିଆ ଙ୍କ ବିକାଶ ଉପରେ ମତାବ୍ୟକ୍ତ କରିଥିଲେ ।ଅନ୍ୟମାନ ଙ୍କ ମଧ୍ୟରେ ଶ୍ରୀ ଗଦାଧର ପ୍ରଧାନ, ଶ୍ରମତି ବିଷ୍ଣୁ ପ୍ରିୟା ମିଶ୍ର, ଅଜୟ ମଲ୍ଲିକ, ବିଭୁ ଭାଇ, ଡ଼ ପ୍ରକାଶ, ଶ୍ରୀ ଅଶୋକ କୁମାର ଦାଶ, ଶ୍ରୀମତୀ ହର ପ୍ରିୟ ପ୍ରତିହାରୀ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । କୃଷ୍ଣ ଚନ୍ଦ୍ର ସାବତ, ସଂକର୍ଷଣ ପାଢ଼ୀ, ରଶ୍ମିତା ସାବତ, ରିଙ୍କି ଭରଦ୍ୱାଜ, ତପନ ଜେ ପଣ୍ଡା, ଅର୍ଚ୍ଚନା ପରିଡା, ଆଶିଷ ସାବତ, ଗିରି ଧାରୀ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମହାସଚିବ ଶ୍ରୀ କୈଳାଶ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray